## ସଂକ୍ଷେପରେ

### ଜଳିଗଲା ୬ ବଖରା

ତିହିଡ଼ି,୧୫।୪(ସଞ୍ଜିତ ବଳ)

ତିହିଡ଼ି ତହସିଲ ଅଧୀନ ବାରୋ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ନାରାୟଣ ଚନ୍ଦ୍ର ବାରିକଙ୍କ ୬ ବଖରା ଘର ଜଳିଯାଇଛି। ନାରାୟଣ ବୁଧବାର ଏ ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସେ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ପଡ଼ୋଶୀମାନେ ତାଙ୍କୁ ଡାକି ଉଠାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତିହିଡ଼ିରୁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ତାଙ୍କ ଘରେ ଥିବା ସମସ୍ତ ଆସବାବପତ୍ର, ଜରୁରୀ କାଗଜପତ୍ର ପୋଡ଼ି ଯାଇଥିବା ସେ ଦର୍ଶାଇଛନ୍ତି।

### ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା, ଯଜ୍ଞ ପୂର୍ଣ୍ଣାହୁତି

ଭଣ୍ଡାରିପୋଖରୀ,୧୫।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କଲ୍ୟାଣପୁର(ଚତୁର୍ଭୁଜପୁର)ଠାରେ ଏକ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ରବିବାର ପ୍ରତ୍ୟୁଷରୁ ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ବୈତରଣୀ ନଦୀରୁ କଳସ ଶୋଭାଯାତ୍ରାରେ ଜଳ ଆଣି ଅଭିଷେକ କରାଯାଇଥିଲା। ସୋମବାର ସକାଳୁ ସୂର୍ଯ୍ୟପୂଜା, ଭୂମିପୂଜା, ଗୋପୂଜା ଆଦି ପରେ ପଞ୍ଚମୁଖୀ ହନୁମାନ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ସୋନାଲି ରାଉତ, ଅଜୟ ରାଉତ, ପୂର୍ଣ୍ଣିମା ଦାସ, ବିକାଶ ଦାସ, ଦେବସ୍ମିତା ସୂତାର, ନିଶିକାନ୍ତ ସୂତାର, ଚିନ୍ମୟ ସାମଲ, ଜ୍ୟୋତିରଞ୍ଜନ ସାମଲ, ମଧୁସ୍ମିତା ସାହାଣୀ ଓ ନିରଞ୍ଜନ ସାହାଣୀ ସଂକଳ୍ପ କରିଥିଲେ। ଚତୁର୍ଭୁଜପୁର ଓ କଲ୍ୟାଣପୁରର ଗ୍ରାମବାସୀ ସହଯୋଗ କରିଥିଲେ।

### ଗଣିଜାଙ୍ଗରେ ଚାଲିଛି ହରିହାଟ



ଗଣିଜାଙ୍ଗ,୧୫।୪(ବିଜୟ ପଣ୍ଡା)

ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ହରିହାଟ ଦାଣ୍ଡରେ ଭାଗବତ ତ୍ରୟୋଦଶ ସ୍କନ୍ଦ ଭଜନ କୀର୍ତ୍ତନ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି। ୯ ଦିନ ଧରି ଚାଲିବାକୁ ଥିବାବେଳେ ଶେଷ ୨ ଦିନ ଯାତ୍ରା ପରିବେଷଣ ସହ ଶେଷଦିନ ୧୦୮ ବ୍ରାହ୍ମଣଙ୍କ ଦ୍ୱାରା ତ୍ରୟୋଦଶ ସ୍କନ୍ଦ ଭାଗବତ ପାଠ, ଅର୍ଘ୍ୟ ଥାଳି ଭଜନ କୀର୍ତ୍ତନ ଆୟୋଜନ ହେବ ବୋଲି ଗ୍ରାମବାସୀ କହିଛନ୍ତି। ହଜାର ହଜାର ଭକ୍ତଙ୍କ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଗଦାଧର ପଣ୍ଡା, ସତ୍ୟବ୍ରତ ପଣ୍ଡା, ସୁଧାକର ଦାଶ, ରାମ ପଣ୍ଡା, ପରିକିତ ବାରିକ, ପଞ୍ଚାନନ ଦାସ, ରଞ୍ଜନ ସାହୁ, ନିରଞ୍ଜନ ନାୟକ, ଚୈତନ ଦାସ, ମାଧବ ସାହୁ, ମାଗୁଣି ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି।

### ମହାବୀର ଜୟନ୍ତୀରେ ଚାରାରୋପଣ, ସଫେଇ

ଭଣ୍ଡାରିପୋଖରୀ,୧୫।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତରେ ମଙ୍ଗଳବାର ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। କର୍ତ୍ତା ଭାବେ ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, କନକ ଖିଲାର ଓ ରେଣୁବାଳା ଖିଲାର ସଂକଳ୍ପ କରିଥିଲେ। ପୂଜକ ପଣ୍ଡିତ ନରନାରାୟଣ ମିଶ୍ରଙ୍କ ଦ୍ୱାରା ସୂର୍ଯ୍ୟପୂଜା, ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ ଆଦି କରାଯାଇଥିଲା। ଏହି ଅବସରରେ ମହାବୀର ସଂଗଠନ ପକ୍ଷରୁ ପ୍ରାତଃ ସମୟରେ ସଫେଇ ସହ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଜଗା ବଳିଆ ଭଜନ ଗ୍ରୁପ୍ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ଅନ୍ୟତମ ଅତିଥି ଭାବେ ଜଗନ୍ନାଥ ବଜାର ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, ଇଂ. ପ୍ରଦୀପ କିଶୋର ଖିଲାର, ଅଶୋକ ଯେନା, ବାସୁଦେବ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# କଣ୍ଟା ଫୋଡ଼ି ନିଆଁହୁଲା ଧରି ନାଚିଲେ ପାଟୁଆ

### ମା’ ବାସୁଳୀଙ୍କ ୧୦୩ ବର୍ଷର ନିଆରା ପରମ୍ପରା

ତିହିଡ଼ି,୧୫।୪(ସଞ୍ଜିତ ବଳ)



ବାସୁଳୀ ମନ୍ଦିର ସାମ୍ନାରେ ନିଆଁହୁଲା ଧରି ପାଟୁଆମାନେ ନାଚୁଛନ୍ତି।

ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ଗ୍ରାମସ୍ଥିତ ମା’ ବାସୁଳୀଙ୍କ ପୀଠରେ ୧୦୩ବର୍ଷ ହେଲା ଏକ ନିଆରା ପରମ୍ପରା ରହିଆସିଛି। ବାଦ୍ୟ ଓ ଗୀତର ତାଳେ ତାଳେ ପାଟୁଆମାନେ ନୃତ୍ୟ କରିବା ସହ ସେମାନଙ୍କ ଅଣ୍ଟାରେ କଣ୍ଟା ଫୋଡ଼ା ହୋଇଥିଲା। ଏଥିସହ ସେମାନଙ୍କ ପଇତା ସହ ବନ୍ଧା ହୋଇଥିବା କଣ୍ଟାର ଅଗ୍ରଭାଗରେ ରହିଥିଲା ନିଆଁହୁଲା। ଏହି ନୃତ୍ୟ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ପାଟୁଆଙ୍କ ଏହି ନୃତ୍ୟ ପରିବେଷଣ ଶ୍ରଦ୍ଧାଳୁଙ୍କ ଭିତରେ ଭକ୍ତିଭାବ ଜାଗ୍ରତ କରିଥିଲା। ଚଳିତବର୍ଷ ପଣା ସଂକ୍ରାନ୍ତି ସନ୍ଧ୍ୟାରେ ଏହି ପୀଠରେ ପାଟୁଆ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି।

ସକାଳେ ଯଥାବିଧିରେ ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରଠୁ କିଛି ଦୂରରୁ ପାଟୁଆମାନଙ୍କୁ ଶୋଭାଯାତ୍ରାରେ ମନ୍ଦିର ନିକଟକୁ ନିଆଯାଇଥିଲା। ସେଠାରେ ସେମାନଙ୍କ ଅଣ୍ଟାରେ କଣ୍ଟା ଫୋଡ଼ାଯାଇଥିଲା ଏବଂ କଣ୍ଟାର ଅଗ୍ରଭାଗରେ ବଳିତା ରଖାଯାଇ ନିଆଁ ଲଗାଯାଇଥିଲା। ପରେ ବାଦ୍ୟ ଓ ଗୀତର ତାଳେ ତାଳେ ପାଟୁଆମାନେ ନାଚିବା ଆରମ୍ଭ କରିଥିଲେ। ତେବେ ନିଆଁ ନ ଲିଭିବା ପାଇଁ ବାରମ୍ବାର ବଳିତା ରଖାଯାଉଥିବାରୁ ନିଆଁହୁଲା ଖୁବ୍‌ଜୋରରେ ଜଳି ମନ୍ଦିର ପରିସରକୁ ଆଲୋକିତ କରିଥିଲା। ମହିଳା ଓ ପୁରୁଷଙ୍କ ପାଟୁଆ ଗୀତର ତାଳେ ତାଳେ ପାଟୁଆଙ୍କ ଏହି ନୃତ୍ୟ ଦେଖିବା ସହ ମା’ଙ୍କୁ ଦର୍ଶନ କରି ଆଶିଷ ଲଭିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା’ ବାସୁଳୀ ପୂଜା କମିଟିର ସଭାପତି ପଦ୍ମଲୋଚନ ମଲିକ, ସମ୍ପାଦକ ସଞ୍ଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମଲିକ, ସୋମନାଥ ମଲିକ, ପୂର୍ବତନ ସଭାପତି ରମାକାନ୍ତ ମଲିକ, ପୂର୍ବତନ ସମ୍ପାଦକ ରଘୁନାଥ ମଲିକଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଖଣ୍ଡଳମଣି ପୀଠ: ଖୁବ୍‌ଶୀଘ୍ର ଆରମ୍ଭ ହେବ ଉନ୍ନତୀକରଣ କାର୍ଯ୍ୟ



ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ କରାଯାଉଛି।

### ବିଭିନ୍ନ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ

ଧୁସୁରୀ,୧୫।୪(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ପୀଠ ପୁଷ୍କରିଣୀର ଦକ୍ଷିଣପାର୍ଶ୍ୱ ଘାଟ ନିର୍ମାଣ, ସୌନ୍ଦର୍ଯ୍ୟକରଣ, ଆରଡ଼ି ଭବନ ନିର୍ମାଣ, ମନ୍ଦିର ବେଢ଼ାକୁ ଲାଗି ଶୌଚାଳୟ ନିର୍ମାଣ ଏବଂ ଅନ୍ୟାନ୍ୟ ଅନେକ ପ୍ରକଳ୍ପ ପାଇଁ ବୁଧବାର ମଧ୍ୟାହ୍ନରେ ଜାଗା ଚିହ୍ନଟ କରାଯାଇଛି। ଆର୍କିଟେକ୍ଟ ସ୍ୱାଗତ ରୟ, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ନୂତନ ଭାବେ ଗଠିତ ଟ୍ରଷ୍ଟ ବୋର୍ଡ ସଦସ୍ୟ କିଶୋର ନାୟକ, ଦେବଦତ୍ତ ପାଢ଼ୀ, କାଉନସିଲର ଚନ୍ଦନ ରାଉତ, ସେବାୟତ ଜୀବନାନନ୍ଦ ପାଢ଼ୀ, ଆଶିଷ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପୀଠର ବିକାଶ ନିମନ୍ତେ ୨୦୨୫ରେ ଶିବରାତ୍ରି ଦିନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଥିବା ୧୦ କୋଟି ଅନୁଦାନ ଏସବୁ ପ୍ରକଳ୍ପ ପାଇଁ ଖୁବ୍‌ଶୀଘ୍ର ବିନିଯୋଗ ହେବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଉପଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି।

## ସିଦ୍ଧ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧାମନଗର,୧୫।୪(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ଅନହରପୁର ଗ୍ରାମରେ ଶ୍ରୀ ଶ୍ରୀ ସିଦ୍ଧ ମହାବୀରଙ୍କ ମନ୍ଦିରର ୧୪ତମ ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ସମାପନ ହୋଇଛି। ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସ୍ଥାନୀୟ ଅନହରପୁର ଗ୍ରାମ ପୋଖରୀରେ ୧୦୮ ଘଟ ଉତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଏଥିରେ କର୍ତ୍ତୀ କର୍ତ୍ତା ଭାବେ ଗୀତାରାଣୀ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ଶୁଭଲକ୍ଷ୍ମୀ ପାତ୍ର, ପର୍ଶୁରାମ ପାତ୍ର, ମନୋରମା ଧଳ, ରାଜୀବ ଲୋଚନ ନାୟକ, ସ୍ୱପ୍ନାରାଣୀ ରାଉତ ଓ ପ୍ରଦୀପ ରାଉତ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଭଜନ ସମାରୋହ, ମାଳିକାଚାର୍ଯ୍ୟ ବିଭୂତି ଭୂଷଣ ପାଲଙ୍କ ଦ୍ୱାରା ପ୍ରବଚନ ଓ ବୁଧବାର ରାତିରେ ବାଲେଶ୍ୱରସ୍ଥିତ ଓଁ ମା’ ମଙ୍ଗଳା ଷଷ୍ଠୀ ନାଟ୍ୟ ସଂସ୍ଥା ଦ୍ୱାରା ରାମଲୀଳା ନାଟକ ପରିବେଷଣ ହୋଇଥିଲା। ଅନହରପୁର ଓ ସ୍ଥାନୀୟ ଗ୍ରାମବାସୀ ଗଙ୍ଗାଧର ରାଉତ, ସୁଦର୍ଶନ ସାମଲ, ମହେଶ୍ୱର ସ୍ୱାଇଁ, ଚକ୍ରଧର ରାଉତ, ନୀଳମଣି ରାଉତ, ରମାକାନ୍ତ ବିଶ୍ୱାଳ, ନିରାକାର ରାଉତ, ପ୍ରଫୁଲ୍ଲ ଜେନା, ଦୁଶାସନ ଜେନା, ଭାଗିରଥୀ ସ୍ୱାଇଁ, କାର୍ତ୍ତିକ ଖଟୁଆ, ବଳରାମ ସ୍ୱାଇଁ, ପ୍ରଦୀପ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଆଁସ, ଚତୁର୍ଭୁଜରେ ଚାରାରୋପଣ

ଭଦ୍ରକ,୧୫।୪(ରବିନାରାୟଣ ଖିଲାର)

ମହାବୀର ସେବା ସଂଗଠନ ପକ୍ଷରୁ ମଙ୍ଗଳବାର ପଣା ସଂକ୍ରାନ୍ତି ଅବସରରେ ଭଦ୍ରକ ସହରର କୁଆଁସ ଓ ସଦର ବ୍ଲକର ଚତୁର୍ଭୁଜଠାରେ ଚାରାରୋପଣ, ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ନୃସିଂହ ଚରଣ ଖିଲାର, ଅଶୋକ ଯେନା, ବାସୁଦେବ ପରିଡ଼ା, ରେଣୁବାଳା ଖିଲାର, ପ୍ରତିଭାରାଣୀ ପରିଡ଼ା, ସୁଜାତା ମହାପାତ୍ର, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଚାରାରୋପଣ ସହ ସଫେଇ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଏକ ସାର୍ଥକ ପଦକ୍ଷେପ: ବିଧାୟକ

ଭଦ୍ରକ,୧୫।୪(ସନାତନ ରାଉତ)



ଓଡ଼ିଆ ପକ୍ଷ ଉଦ୍‌ଯାପନୀ ଅବସରରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଭଦ୍ରକ ସହର ଡାହାଣୀଗଡ଼ିଆସ୍ଥିତ ଗୁଜରାଟି ଭବନରେ ଓଡ଼ିଆ ନବବର୍ଷ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷା ସହ ପ୍ରଚାର ପ୍ରସାର ଦିଗରେ ଓଡ଼ିଆ ପକ୍ଷ ପାଳନ ଏକ ସାର୍ଥକ ପଦକ୍ଷେପ ବୋଲି କହିଥିଲେ। ଉଦ୍‌ଯାପନୀ ସଭାରେ ଜିଲାପାଳ ଦିଲୀପ ରାଉତରାଏ ସଭାପତିତ୍ୱ କରି କହିଥିଲେ, ଓଡ଼ିଆ ନବବର୍ଷ ପାଳନ ଓଡ଼ିଆଙ୍କ ପାଇଁ ଗର୍ବର ଗାଥା। ଏହା ଆମ ଐତିହ୍ୟ ଓ ପରମ୍ପରାର ପରିଚୟ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ନବବର୍ଷର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଏବଂ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସହ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଘଟପୂଜା, ପାଟୁଆ ଯାତ୍ରା

ବାସୁଦେବପୁର,୧୫।୪(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବିନାୟକପୁର ପଞ୍ଚାୟତର ଆଙ୍କୁଡ଼ାଶୁଣୀ ପୀଠରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଘଟ ପୂଜା ଓ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ପୂଜାର୍ଚ୍ଚନା କରିବା ସହ ପ୍ରତୀକାତ୍ମକ ବୋଦା ମା’ଙ୍କୁ ଅର୍ପଣ କରିଥିଲେ। ସକାଳଠାରୁ ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ପାରମ୍ପରିକ ରୀତିନୀତି ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଟ୍ରଷ୍ଟି ସଦସ୍ୟ କମଳାକାନ୍ତ ନାୟକ, ଜଗନ୍ନାଥ ମିଶ୍ର, ହେମନ୍ତ ମଲିକ, ରଶ୍ମି ରଞ୍ଜନ ମଲିକ, ଅମରେନ୍ଦ୍ର ମିଶ୍ର, ମାନସ କୁମାର ଦାସ, ରମାକାନ୍ତ ମଲିକ, ଖଗେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାସୁଦେବପୁର ଥାନାଧିକାରୀ ନିରୋଜ କୁମାର ସାମଲଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲା। ସେହିପରି ବାଲିମେଦର ଭେଡ଼ାନାୟକାଣୀ ପୀଠରେ ଘଟଯାତ୍ରା ଓ ପାଟୁଆ ନାଚ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପାଇଁ ପୀଠରେ ଭୋଗ କରିବା ସହ ମାଟିଘୋଡ଼ା ଅର୍ପଣ କରିଥିଲେ। ପାଟୁଆମାନେ ପାରମ୍ପରିକ ବାଦ୍ୟ ନୃତ୍ୟ ସହ ମାନସିକ କୁକୁଡ଼ା ଧରି ବିଳମ୍ବିତ ରାତି ପର୍ଯ୍ୟନ୍ତ ମା’ଙ୍କ ଦର୍ଶନ କରିଥିଲେ। ପୂଜା କମିଟିର ସଭାପତି ରଶ୍ମିରଞ୍ଜନ ମହାନ୍ତି, ସମ୍ପାଦକ ଭାସ୍କର ଭୋଇ, ସଭ୍ୟ ପ୍ରଫୁଲ୍ଲ କୁମାର ପଳିତା, ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ, ସୋମନାଥ ମହାକୁଡ଼, ବିଜୟ ପଳିତା ପ୍ରମୁଖ ସହଯୋଗ କରିଥିଲେ। ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ନାୟିକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ ଉପସ୍ଥିତ ରହି ତଦାରଖ କରିଥିଲେ।

# ମା’ ଶାରଳା, ସିଦ୍ଧବାସୁଳୀଙ୍କ ପୀଠରେ ଘଟଯାତ୍ରା



ଚାନ୍ଦବାଲି, ୧୫।୪ (କିଷାନ ପାତ୍ର)

ପଣା ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଚାନ୍ଦବାଲି ଏନ୍‌ଏସିସ୍ଥିତ ବାଲିଗାଁ ଓ ବଡ଼ଓସ୍ତିଆ ପଞ୍ଚାୟତର ଶକ୍ତିପୀଠ ମା’ ଶାରଳା, ସିଦ୍ଧବାସୁଳୀଙ୍କ ପୀଠରେ ଘଟଯାତ୍ରା ଆରମ୍ଭ ହୋଇଛି। ବହୁ ଭକ୍ତ ଓ ମାନସିକଧାରୀ ପାଟୁଆମାନଙ୍କ ଭିଡ଼ରେ ପୀଠ ଉତ୍ସବମୁଖର ହୋଇଥିଲା। ଦୁଇ ପୀଠରେ ୩ଦିନ ଧରି ଘଟଯାତ୍ରା ପାଳନ କରାଯିବ। ସଂକ୍ରାନ୍ତି ପୂର୍ବଦିନରୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ମା’ଙ୍କ ପାଖରେ ମାନସିକ ପୂରଣ ପରେ ପାଟୁଆ ହୋଇ ନୃତ୍ୟ କରିଥିଲେ। ମନ୍ଦିରରୁ ମାଳା ଓ ମା’ଙ୍କ ବେତ ନେଇ ପାଟୁଆମାନେ ଗାଁ ଗାଁ ପରିକ୍ରମା କରିବା ସହ ପୋଖରୀରେ ବୁଡ଼ ପକାଇଥିଲେ। ଘଟୁଆଙ୍କ ଦ୍ୱାରା ରଣପା ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ମା’ଙ୍କ ଶରଣ ନେଲେ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ପାଇଁ ପ୍ରତ୍ୟେକ ଛକରେ ପୋଲିସ ମୁତୟନ କରାଯାଇଥିଲା। ପାନୀୟଜଳ ଓ ପରିମଳ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ମା’ ସିଦ୍ଧବାସୁଳୀଙ୍କ ପୀଠରେ ପାନୀୟଜଳ ଓ ପଣା ବଣ୍ଟନ କରାଯାଇଥିଲା।

# ଭାଜପାରେ ମିଶିଲେ ଶତାଧିକ ବିଜେଡି, କଂଗ୍ରେସ କର୍ମୀ

ଭଣ୍ଡାରିପୋଖରୀ,୧୫।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଭାଜପା ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ଦକ୍ଷିଣବାଡ଼, ବୟାବନାପୁର ଓ ସରସଦା ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳରେ ଯୋଗ ଦେଇଛନ୍ତି। ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଭାପତି ଭଗବାନ ପଣ୍ଡା, ଦଳର ବିଧାନସଭା ନେତା ସୁଧାଂଶୁ ଶେଖର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ମଣ୍ଡଳ ସଭାପତି ତରଣୀସେନ ଜେନା, ଜିଲା ସମ୍ପାଦକ କିଶୋର କିଙ୍କର ପଢିଆରୀ, ଜିଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ବରିଷ୍ଠ ନେତା ଅଜୟ ନାୟକ, ସମ୍ପାଦକ ତପନ ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନେ ନୂତନ କର୍ମୀମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଫତେପୁର ୱାର୍ଡ ସଦସ୍ୟ ପ୍ରଭାକର ଯେନା, ମନୋହରପୁର ୱାର୍ଡ ସଦସ୍ୟା ସାବିତ୍ରୀ ମହାପାତ୍ର, କହରାପୋଖରୀ ୱାର୍ଡ ସଦସ୍ୟା ମାଗୁରୀ ମୁଣ୍ଡା, କାହ୍ନୁଚରଣ ବେହେରା, ଭାରତ ଚରଣ ନାୟକ, କୃଷ୍ଣଚନ୍ଦ୍ର ପାତ୍ର, ପ୍ରାଣବନ୍ଧୁ ବେହେରା, ଧର୍ମେନ୍ଦ୍ର ମହାପାତ୍ର, ଶ୍ରୀଧର ଓଝା, ରାମଚନ୍ଦ୍ର ସେଠୀ, ନରେନ୍ଦ୍ର ମହାପାତ୍ର, ଦିନବନ୍ଧୁ ସାହୁ, ଉମାକାନ୍ତ ପରିଡ଼ା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

# ପ୍ରଶାସନ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ



ଭଣ୍ଡାରିପୋଖରୀ,୧୫।୪
(ରାଜେନ୍ଦ୍ର ଶତପଥୀ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସବୁବର୍ଷ ଭଳି ଚଳିତବର୍ଷ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ଜଳଛତ୍ର ଶୁଭାରମ୍ଭ ହୋଇଛି। ଅମଲା ସହାୟକ ଉଦୟନାଥ ବେଜଙ୍କ ସହାୟତାରେ ଆୟୋଜିତ ଜଳଛତ୍ର ଶିବିରକୁ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଡିଓ ଦେବଦତ୍ତ ଦାସ ଉପସ୍ଥିତ ରହି ବ୍ଲକକୁ ଆସୁଥିବା ଜନସାଧାରଣଙ୍କୁ ପୋଦିନା ମିଶ୍ରିତ ଘୋଳଦହି ବଣ୍ଟନ କରିଥିଲେ। ଏଥିସହ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରିବାକୁ ବିଡିଓ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ପ୍ରଶାସନର ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅନୁରୂପ ଭାବେ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଗାଁ ଛକଗୁଡ଼ିକରେ ଜଳଛତ୍ର ଖୋଲାଯାଇଛି। ଆଗାମୀ ୨ମାସ ଯାଏ ଏହି ଜଳଦାନ କେନ୍ଦ୍ର କାର୍ଯ୍ୟ କରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

ଭଣ୍ଡାରିପୋଖରୀ,୧୫।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଛତାବର-ନିଳୋକ ପୂର୍ତ୍ତ ରାସ୍ତାର ନାଆଁମୀ ଛକରେ ବୁଧବାର ଅପରାହ୍ନ ୨ଟା ବେଳେ ଏକ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଚିଲାପଦିର ଶରତ ପାତ୍ର(୭୨)। ସୂଚନା ଅନୁଯାୟୀ, ଚିପ୍ସ ବୋଝେଇ ହାଇୱା(ଓଡି ୦୪ କେ ୨୯୩୧) ଛତାବର ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ସାଇକେଲରେ ଆସୁଥିବା ଶରତଙ୍କୁ ଧକ୍କା ଦେଇଥିଲା। ଶରତଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଯାଜପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଫାଣ୍ଡି ପୋଲିସ ହାଇୱା ଓ ଚାଳକଙ୍କୁ ଅଟକ ରଖିଛି।

# ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ




ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

### ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ବାସୁଦେବପୁର,୧୫।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ନୂତନ କନ୍‌ଫରେନ୍ସ ହଲ୍ ପରିସରରେ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଗତ ୧।୪।୨୦୨୫ରୁ ୩୦।୯।୨୦୨୫ ତାରିଖ ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଚକ୍ରରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିରେ ୩୬ ପଞ୍ଚାୟତରେ କାର୍ଯ୍ୟକାରୀ ଥିବା ପ୍ରକଳ୍ପଗୁଡ଼ିକୁ ସମୀକ୍ଷା କରାଯାଇ ଯେଉଁସବୁ ଅସୁବିଧା ଉପୁଜିଛି, ତାହାକୁ ତୁରନ୍ତ ସମାଧାନ କରାଯାଇ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏକ ଶ୍ରମଭିତ୍ତିକ ଯୋଜନା ହୋଇଥିବାରୁ ଏହାକୁ ଅଧିକ ଲୋକାଭିମୁଖୀ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ପ୍ରତିନିଧିଙ୍କୁ କୁହାଯାଇଥିଲା। ବିଡିଓ ତନ୍ମିତା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ଏପିଡି ଆଡ୍‌ମିନିଷ୍ଟ୍ରେଟିଭ ଧନେଶ୍ୱର ଟୁଡୁ, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି, ବ୍ଲକ ଅର୍ଥ ଅଧିକାରୀ ସରୋଜ ଖୁଣ୍ଟିଆ(ବିଏଫ୍‌ଓ) ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଜଗତ ଜୀବନ ନାୟକ ଓ ସହକାରୀ ସଙ୍ଗଣକ ସତୀଶ ଚନ୍ଦ୍ର ନାୟକ ଶିବିର ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଶିବିରରେ ଯୋଗ ଦେଇଥିଲେ।

# ଆରମ୍ଭ ହେଲା ଆରଡ଼ିସିସ୍ତରୀୟ ତଦନ୍ତ

## ବିଷାକ୍ତ ଖାଦ୍ୟ ଖାଇ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

- ସ୍କୁଲ, ଡାକ୍ତରଖାନାରେ ସ୍ଥିତି ସମୀକ୍ଷା
- ଲିଖିତ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ
- ଆଉ ଜଣେ ଛାତ୍ରୀ କଟକ ସ୍ଥାନାନ୍ତର

ବାରିପଦା/ମୋରଡ଼ା/ରାସଗୋବିନ୍ଦପୁର,୧୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ସ୍ୱାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହେବା ଓ ସେଥିମଧ୍ୟରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆରଡ଼ିସିସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରାଞ୍ଚଳ ଆରଡ଼ିସି ସୁଧାଂଶୁ ମୋହନ ସାମଲ ଓ ତଦନ୍ତକାରୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଆଶ୍ରମ ସ୍କୁଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅସୁସ୍ଥ ଓ ଚିକିତ୍ସା ପରେ ସୁସ୍ଥ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିବା ସହିତ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ପଚରାଉଚୁରା କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସୂଚନାଯୋଗ୍ୟ, ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀମାନେ ଗତ ରବିବାର ଖାଦ୍ୟରେ ପଖାଳ, ଚିକେନ ଓ ଶାଗ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ ରାସଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ୧୪୬ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା(୧୨)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିବା ପରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଏପରିକି ସ୍କୁଲ ସମ୍ମୁଖରେ ହଜାର ହଜାର ଆଦିବାସୀ ମହିଳାପୁରୁଷ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍କୁଲ ମଧ୍ୟକୁ ଧସେଇ ପଶି ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଟାୟାର ଜାଳି ଓ ଧନୁତୀର ଧରି ରାସ୍ତା ଅବରୋଧ କରିଥିଲେ। ଆକ୍ରମଣରେ ଗୁରୁତର ରୋଷେୟାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯିବା ସମୟରେ ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସକୁ ଅଟକ ରଖି ହୋହଲ୍ଲା କରିଥିଲେ। ଏହି ସମୟରେ ଉପସ୍ଥିତ ପୋଲିସ କର୍ମଚାରୀ ଆମ୍ବୁଲାନ୍ସକୁ ବାଟ ଛାଡ଼ିବାକୁ କହିବାରୁ ଲୋକେ ନିଆଁହୁଲା ଓ ଇଟା ପଥର ଫିଙ୍ଗିବା ସହ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ରାସଗୋବିନ୍ଦପୁର ଥାନାଧିକାରୀଙ୍କ ସମେତ ଅନେକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାତି ତମାମ ଲୋକେ ମୃତଦେହ ରଖି ବିକ୍ଷୋଭ କରିଥିଲେ। ବୁଧବାର ସକାଳେ ଏଡିଏମ୍, ଉପଜିଲାପାଳ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଚିକିତ୍ସାଧୀନ ଛାତ୍ରୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକେ ମୃତଦେହ ନୁଣଚାଟି ଗ୍ରାମକୁ ନେଇ ସତ୍କାର କରିଥିଲେ।


କାକବନ୍ଧ ଆଶ୍ରମ ସ୍କୁଲ ପରିସରରେ କେନ୍ଦ୍ରାଞ୍ଚଳ ଆରଡ଼ିସି ସୁଧାଂଶୁ ମୋହନ ସାମଲ।

ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୭୨ଜଣ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଛାତ୍ରୀ ଲକ୍ଷ୍ମୀପ୍ରିୟା ବେଶ୍ରାଙ୍କ ରକ୍ତଚାପ ହ୍ରାସ ପାଇଥିବା କାରଣରୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଏଡିଏମ୍ଓ ଶଶିକାନ୍ତ ସେଠୀ କହିଛନ୍ତି। ସେହିପରି ୧୨ଜଣ ସୁସ୍ଥ ହେବା ପରେ ସେମାନଙ୍କୁ ଆଶ୍ରମ ବିଦ୍ୟାଳୟକୁ ପଠାଯାଇଛି। ଆରଡ଼ିସିଙ୍କ ସହ ତଦନ୍ତକାରୀ ଅଧିକାରୀମାନେ ବିଦ୍ୟାଳୟ, ରାସଗୋବିନ୍ଦପୁର ଡାକ୍ତରଖାନା ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍କୁଲର ରୋଷେୟା, ଶିକ୍ଷୟିତ୍ରୀ, ଶିକ୍ଷକ ସିସିଏ, ଅସୁସ୍ଥ ଛାତ୍ରୀ, ଅଭିଭାବକ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ତଦନ୍ତ ସମୟରେ ଜିଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଏଡିଏମ୍ଓ ଡା.ବିଜୟ କୁମାର ଦାଶ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଜୁ ଜନତା ଦଳର ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବିଜେଡି ଜିଲା ସଭାପତି ସୁଦାମ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଦେବାଶିଷ ମହାନ୍ତି ପ୍ରମୁଖ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଯଶୋବନ୍ତ ସିଂ ଲାଗୁରୀ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ମନିସା ଦାସ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ପୂର୍ବତନ ମୋରଡ଼ା କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର, ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବ୍ଲକ୍ ସଭାପତି ହରିଶ୍ଚନ୍ଦ୍ର ସେଠୀ, ମୋରଡ଼ା ନିର୍ବାଚନମଣ୍ଡଳୀ ଯୁବ ସଭାପତି ତାପସ ରଞ୍ଜନ ରାଉତ, ଯୋଗେନ୍ଦ୍ର ମହାନ୍ତି ପ୍ରମୁଖ କଂଗ୍ରେସ ନେତା ରାସଗୋବିନ୍ଦପୁର ଡାକ୍ତରଖାନା ପରିଦର୍ଶନ କରିବା ସହ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ମଧ୍ୟ ଭେଟିଛନ୍ତି।

# ୧୮ରେ ୧୨ଘଣ୍ଟିଆ ହରତାଳ କରିବ ବିଜେଡି

## ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

ବାରିପଦା,୧୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଆଦିବାସୀ ଛାତ୍ରୀ ରୂପାଲି ବେସ୍ରାଙ୍କ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ ଗଭୀର ଶୋକ ବ୍ୟକ୍ତ କରିଛି। ଦଳ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ, ଅମାନବିକ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଗୁରୁତର ଅବହେଳାର ଜ୍ୱଳନ୍ତ ଉଦାହରଣ ବୋଲି କହିଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳ ଆସନ୍ତା ୧୮ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲାରେ ହରତାଳ କରିବ ବୋଲି ଦଳର ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାସଗୋବିନ୍ଦପୁର ବ୍ଲକ୍ ନଳାଗଜା ପଞ୍ଚାୟତ ଅଧୀନରେ ଥିବା ନୁଣଚାଟି ଗ୍ରାମକୁ ଯାଇ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଛନ୍ତି।

# ପିଠିରେ କଣ୍ଟା ଫୋଡ଼ିଲେ ୫୨ ଭକ୍ତା


ଉଡ଼ାପର୍ବରେ ସାମିଲ ଭକ୍ତାମାନେ।

## ଠାକୁରମୁଣ୍ଡା ମା' ବାସୁଳିଙ୍କ ଉଡ଼ାପର୍ବ

ଠାକୁରମୁଣ୍ଡା,୧୫।୪
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ଥିବା ମା'ବାସୁଳୀଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଉଡ଼ାପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୫୨ ଜଣ ଭକ୍ତା ପିଠିରେ କଣ୍ଟା ଫୋଡ଼ାଇ ଉଡ଼ାଖୁଣ୍ଟ ଦଣ୍ଡାରେ ଝୁଲି ଉଡ଼ିଥିଲେ। ଏହା ଦେଖିବାକୁ ମୟୂରଭଞ୍ଜ, କେନ୍ଦୁଝର ଜିଲା ତଥା ପଡ଼ୋଶୀ ରାଜ୍ୟରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରାଯିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ସମେତ ବିଭିନ୍ନ ସ୍ଥାନରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଉଡା ପଡ଼ିଆରେ ଅଗ୍ନିଶମ ବିଭାଗର କର୍ମଚାରୀ ସମେତ ଠାକୁରମୁଣ୍ଡା ମଟରଚାଳକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଡ଼ାପର୍ବ କମିଟି ସଭାପତି ତଥା ତହସିଲଦାର ସମ୍ବିତ କୁମାର କର, ସମ୍ପାଦକ ପ୍ରକାଶ ସାହଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉଡ଼ା ପର୍ବ ଶେଷ ହେବା ପରେ ବୁଧବାର ସକାଳୁ ମନ୍ଦିର ସମ୍ମୁଖରେ ଶହ ଶହ ସଂଖ୍ୟାରେ ବୋଦା, କୁକୁଡ଼ାଙ୍କୁ ବଳି ପକାଇବାକୁ ମାନସିକଧାରୀମାନେ ଆଣିଥିଲେ। କିନ୍ତୁ ମନ୍ଦିରରେ ବଳି ପ୍ରଥା ବନ୍ଦ ଥିବାରୁ କେବଳ ପୂଜା କରାଯାଇ ସେଗୁଡ଼ିକୁ ଜୀବନ୍ତ ଫେରାଇ ଦିଆଯାଇଥିଲା। ଚଳିତ ବର୍ଷ ଉଡ଼ା କମିଟି ପକ୍ଷରୁ ଠାକୁରମୁଣ୍ଡା ବଜାର, ମନ୍ଦିର ରାସ୍ତାକୁ ଆଲୋକରେ ସଜା ଯାଇଥିଲା। ତେବେ ଉଡ଼ା ପର୍ବ ଶେଷ ହୋଇଥିଲେ ମଧ୍ୟ ୧୨ ଦିନ ମେଳା ଲାଗିରହିବ।

# ବ୍ଲକ୍ସ୍ତରୀୟ ଆମ ରୁଚି, ଆମ ଖାଦ୍ୟ ପ୍ରତିଯୋଗିତା

ଗୋପବନ୍ଧୁ ନଗର,୧୫।୪
(ଶାନ୍ତନୁ କୁମାର ମଙ୍ଗୁଆଳ)

ଓଡ଼ିଆ ନବବର୍ଷ ଅବସରରେ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଆମ ରୁଚି ଓ ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ମୁରୁଜ ଓ ଖାଦ୍ୟ ପ୍ରତିଯୋଗିତା ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ପୃଥିରାଜ ପରିଡ଼ା, କୁଆମରା ଡିଗ୍ରୀ କଲେଜ ଓଡ଼ିଆ ବିଭାଗ ପ୍ରାଧାପିକା ମିତାରାଣୀ ଦ୍ୱିବେଦୀ ଯୋଗଦେଇ ଓଡ଼ିଆଙ୍କ ରୁଚି ସମ୍ପର୍କରେ ବକ୍ତବ୍ୟ ରଖିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, କର୍ମଚାରୀ ହୀରାଲାଲ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା ପ୍ରମୁଖ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜାଲୋକାରେ ହନୁମାନ ଜୟନ୍ତୀ

ଝାରପୋଖରିଆ,୧୫।୪
(ସୁଧୀର କୁମାର ମହାନ୍ତ)

ଝାରପୋଖରିଆ ଥାନା ଅଧୀନ ରାଜାଲୋକା ଗ୍ରାମର ହନୁମାନ ସେବକଙ୍କ ଦ୍ୱାରା ପଣା ସଂକ୍ରାନ୍ତି ଅବସରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ହନୁମାନ ସେବକ ମୁରାରି ମୋହନ ମହାପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ଗ୍ରାମ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ହନୁମାନଙ୍କ ମନ୍ଦିରକୁ ଆଣାଯାଇଥିଲା। ମୁଖ୍ୟ ପୂଜକ ଶିବ ଶଙ୍କର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପୂଜା କର୍ମଣ ପରେ ପଣ୍ଡିତ ଅମରେନ୍ଦୁ ପଣ୍ଡାଙ୍କ ଦ୍ୱାରା ଶ୍ରୀହନୁମାନ ଚାଳିଶା ସ୍ତୋତ୍ର ମନ୍ତ୍ର ପାଠ ଏବଂ ହୋମଯଜ୍ଞ କରାଯାଇଥିଲା। ପରେ ଶତାଧିକ ଶ୍ରଦ୍ଧାଳୁ ମହିଳା ପୁରୁଷ ସେବକ ପୂଜାର୍ଚ୍ଚନା କରିଥିଲେ। ଏଥି ସହିତ ପୁରୁଣା ପାଣି, ଜାମଶୋଳା ମହାବୀର ମନ୍ଦିର ଓ ଝାରପୋଖରିଆସ୍ଥିତ ବଣ ବୁଢ଼ାମରା ହନୁମାନ ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ହନୁମାନ ସେବକମାନେ ମହାବୀର ଝଣ୍ଡା ଧରି ଏକ ବିଶାଳ ଶୋଭାଯାତ୍ରାରେ ଝାରପୋଖରିଆ ବଜାର ପରିକ୍ରମା କରିଥିଲେ।

# ମହୁରୀ ଉଡ଼ାପର୍ବରେ ଲକ୍ଷାଧିକ ଶ୍ରଦ୍ଧାଳୁ

ବୈଶିଙ୍ଗା,୧୫।୪ (ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ଉପକଣ୍ଠ ମହୁରୀଠାରେ ଐତିହାସିକ ଉଡା ପର୍ବ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୫୦୦ରୁ ଅଧିକ ଦୋକାନ ଉଡ଼ା ପଡ଼ିଆରେ ଲାଗିଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ମଙ୍ଗଳବାର ୨୭ଜଣ ମାନସିକଧାରୀ ଭକ୍ତାମାନଙ୍କ ପକ୍ଷରୁ ଗ୍ରାମର ମା' ବାସୁଳୀଙ୍କ ମନ୍ଦିର ଓ ଶିବ ମନ୍ଦିର ସମ୍ମୁଖରେ କଣ୍ଟା ପାଟ, ଝୁଲଣୀ ପାଟ ଓ ନିଆଁପାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବୁଧବାର ଅନୁଷ୍ଠିତ ହୋଇଥିଲା ଉଡ଼ା ପର୍ବ। ଭକ୍ତାମାନେ ମା' ବାସୁଳୀଙ୍କ ପୀଠରେ ପୂଜାର୍ଚ୍ଚନା କରି ମା'ଙ୍କ ଆଜ୍ଞାମାଳ ପରିଧାନ କରି ପିଠିରେ କଣ୍ଟାରେ ଫୋଡିହୋଇ କାଠର ଖମ୍ବ ଉପରକୁ ଚଢ଼ି ସେଥିରେ ଝୁଲି ଝୁଲି ପରିକ୍ରମା କରିଥିଲେ ଉଡା ପଡ଼ିଆରେ। ଅପରାହ୍ନ ୩ଟାଠାରୁ ଲୋକଙ୍କ ସୁଅ ଛୁଟିଥିଲା ମେଳା ପଡ଼ିଆକୁ। ବର୍ଷକ ପାଇଁ ଗୃହିଣୀମାନେ ନାନାପ୍ରକାର ଘରୋଇ ଉପକରଣ କିଣାକିଣି କରିଥିଲେ। ବାଉଁଶ ତିଆରି ବିଞ୍ଚଣା, କୁଲା, ପାଛିଆ, ଟୋକେଇ ଠାରୁ ନେଇ ମଶିଣା ପର୍ଯ୍ୟନ୍ତ ସବୁ କିଛି ମେଳାରେ ମିଳୁଥିଲା। ଗ୍ରୀଷ୍ମ ଋତୁରେ ମିଳୁଥିବା ଚାରୁ କୋଳି, ବଇଁଚ କୋଳି, ବର କୋଳି, ଅଁଳା, ହରିଡ଼ା ବାହାଡ଼ା ଆଦି ବିକ୍ରି ହୋଇଥିଲା। ପ୍ରବଳ ଗୁଳୁଗୁଳି ଯୋଗୁଁ ଥଣ୍ଡା ପାନୀୟ, ଲସି, ସରବତ, ଆଇସ୍କ୍ରିମ ଷ୍ଟଲ ଗୁଡିକରେ ଭିଡ଼ ଲାଗି ରହିଥିଲା। ବୈଶିଙ୍ଗା-ରୂପ୍‌ସା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାଫିକ ନିୟନ୍ତ୍ରଣ କରିବାରେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ଉଡ଼ା ପଡ଼ିଆରେ ସମବେତ ଶ୍ରଦ୍ଧାଳୁ।

# ହଜାରରୁ ଊର୍ଦ୍ଧ୍ୱ ଗଛକଟା ଉଦ୍ୟମକୁ ବିରୋଧ

ବୈଶିଙ୍ଗା,୧୫।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ଗଡ଼ଦେଉଳିଆ ପଞ୍ଚାୟତର ଶ୍ରୀବସ୍ତପୁର ଗ୍ରାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପିତ ହେବାକୁ ଯାଉଛି ସର୍ବ ବୃହତ ବିଦ୍ୟୁତ ଗ୍ରୀଡ ଷ୍ଟେଶନ। ଏଥିପାଇଁ ଓପିଟିସିଏଲକୁ ଦାୟିତ୍ୱ ଦିଆଯାଇଛି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାତା ନଂ. ୪୧୪ , ପ୍ଲଟ ନଂ. ୨୦୭ ଅନ୍ତର୍ଗତ ୩୭.୬୦ ଏକର ଜମି ଉପରେ ୪୦୦/୨୨୦ କିଲୋଭୋଲ୍ଟ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେଶନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ବୁଧବାର ରାଜସ୍ୱ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ସର୍ଭେ କାର୍ଯ୍ୟ କରୁଥିବା ସମୟରେ ୨୦୭ ନମ୍ବର ପ୍ଲଟ ଉପରେ ବହୁ ସଂଖ୍ୟକ ମୂଲ୍ୟବାନ ଗଛର ଜଙ୍ଗଲ ଥିବା ଦର୍ଶାଇ ସେଠାରୁ ଗଛକଟା ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ କହିବା କଥା ୨୦୭ ନଂ. ପ୍ଲଟ ଗୋଚର କିସମ ଅନ୍ତର୍ଗତ ହୋଇଥିଲେ ହେଁ ଏହି ଅଞ୍ଚଳରେ ଏକ ହଜାରରୁ ଅଧିକ ବଡ଼ବଡ଼ ବୃକ୍ଷ ରହିଛି। ଅନ୍ୟପକ୍ଷରେ ୧୮୧ ନଂ. ପ୍ଲଟରେ ମାତ୍ର ୫୦ / ୬୦ଟି ଗଛ ରହିଛି। ତେଣୁ ସେଠାରେ ଅନାୟାସରେ ଏହା ସ୍ଥାପନ କରାଯାଇ ପାରିବ। ଗ୍ରାମବାସୀଙ୍କ ବିରୋଧ ପରେ ପ୍ରଶାସନିକ ଅଧିକାରୀମାନେ ଫେରିଯାଇଥିବା ସୂଚନା ମିଳିଛି।

# ସରିଲା ପାଣ୍ଡବେଶ୍ୱରଙ୍କ ଚୈତ୍ରପର୍ବ

ଝାରପୋଖରିଆ,୧୫।୪
(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ପାଣ୍ଡରା ଗ୍ରାମ ସୁବର୍ଣ୍ଣରେଖା ନଦୀ ତଟରେ ପୂଜା ପାଇ ଆସୁଥିବା ବାବା ପାଣ୍ଡବେଶ୍ୱର ବୁଢ଼ା ମହାଦେବଙ୍କ ଚୈତ୍ର ପର୍ବ ଶେଷ ହୋଇଛି। ରବିବାର ବାବାଙ୍କ ଆଶ୍ରିତ ୧୩ ଭକ୍ତାଙ୍କ ସହିତ ମାନସିକଧାରୀ ଭକ୍ତମାନେ ନଦୀରେ ଶୁଦ୍ଧ ସ୍ନାନ ସହ ଗ୍ରାମ ପରିକ୍ରମା କରି ବାବାଙ୍କ ପୀଠକୁ ଆସିଥିଲେ। ବାବାଙ୍କ ମୁଖ୍ୟ ପୂଜକ କାଶୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରିଥିଲେ। ୧୩ ତାରିଖରେ ୧୩ ଭକ୍ତାଙ୍କ ସହିତ ମାନସିକଧାରୀ ପିତ୍ତଳ ଓ ତମ୍ବାରେ ନିର୍ମିତ ତ୍ରିଶୂଳଧାରୀ କଣ୍ଟାକୁ ଜିଭରେ ଫୋଡ଼ିଥିଲେ। ୧୩ ଭକ୍ତାଙ୍କ ସହିତ କଣ୍ଟକଧାରୀ ମାନସିକଧାରୀ ଭକ୍ତ ଢୋଲ ମହୁରୀ ତାଳରେ ଝୁଣା ମାଡ଼ ମଧ୍ୟରେ ବାବା ପାଣ୍ଡବେଶ୍ୱରଙ୍କ ପୀଠକୁ ଆସିଥିଲେ। ଉକ୍ତ ଦିବସରେ ୧୨ ଭକ୍ତା, ପାଟଭକ୍ତା ନଳିନ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ପୂଜକ, ଦଣ୍ଡୁଆ, ନାପିତ, ଢୋଲିଆଙ୍କ ସହିତ ନଦୀତଟ ବାରୁଣୀଘାଟକୁ ଯାଇ ସେଠାରେ ମହାଦେବଙ୍କୁ ସ୍ମରଣ କରି 'ଗରିଆଭାର ଜଳ' ଉତ୍ତୋଳନ କରି ପୀଠକୁ ଆସି ଉକ୍ତ ଜଳରେ ମହାଦେବଙ୍କୁ ମହାସ୍ନାନ କରାଇଥିଲେ। ନିଶାର୍ଦ୍ଧ ରାତିରେ ପୂଜକଙ୍କ ତତ୍ତ୍ୱାବଧାନରେ ଦେଉଳ ନିକଟ ଅର୍ଜୁନତଳ ଘାଟରୁ ୧୩ ଭକ୍ତା 'କାଳିକା ଘଟ' ଆଣି ଦେଉଳ ଭିତରର ଉତ୍ତର କୋଣରେ ପୋତା ଯାଇଥିବା ଗତ ବର୍ଷର ପୁରାତନ ଘଟକୁ ବାହାର କରି ନୂତନ ଘଟକୁ ପୋତି ଦେଇଥିଲେ। ମଙ୍ଗଳବାର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଅଗ୍ନିପାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବାଙ୍କ ଆଶ୍ରିତ ଭକ୍ତାଗଣଙ୍କ ସହିତ ମାନସିକଧାରୀମାନେ ପଡ଼ିଆରେ ୧୨ ଫୁଟ ଲମ୍ବ ,ସାଢ଼େ ୩ ଫୁଟ ଚଉଡ଼ା ଓ ଏକ ଫୁଟ ଗଭୀର ଅଗ୍ନିକୁଣ୍ଡରେ ମାନସିକଧାରୀମାନେ ଚାଲି ମାନସିକ ପୂର୍ଣ୍ଣ କରିଥିଲେ। ବୁଧବାର ଚୈତ୍ର ପର୍ବର ଶେଷ ଦିବସରେ ବାବା ପାଣ୍ଡବେଶ୍ୱର ବୁଢ଼ା ମହାଦେବଙ୍କ 'ଆଇଖାନ ପବ' ଉପଲକ୍ଷେ ବାବାଙ୍କ ଆଶ୍ରିତ ୧୨ ଭକ୍ତା ରବିବାର, ସୋମବାର, ମଙ୍ଗଳବାର ତିନି ଦିନର କର୍ମକୁ ନେଇ ଦଣ୍ଡୁଆ ଢୋଲୁଆଙ୍କ ମାଧ୍ୟମରେ ମହାଦେବଙ୍କୁ ଜଳାଭିଷେକ କରି ମହାଶାନ୍ତି କରାଇଥିଲେ।


ନିଆଁରେ ଚାଲୁଥିବା ମାନସିକଧାରୀ।

## ଖିରିପଦା ଉଡ଼ାପର୍ବ ଉଦ୍‌ଯାପିତ

ଗୋପବନ୍ଧୁ ନଗର,୧୫।୪
(ଶାନ୍ତନୁ କୁମାର ମଙ୍ଗୁଆଳ)

ଗୋପବନ୍ଧୁ ନଗର ବ୍ଲକ୍ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ଐତିହାସିକ ଉଡ଼ା ଯାତ୍ରା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କଳା ଓ ସଂସ୍କୃତି କ୍ଷେତ୍ର ଭାବେ ପରିଚିତ ଉକ୍ତ ଅଞ୍ଚଳର ଏହି ଗ୍ରାମ ଉଡା ଯାତ୍ରା ନିମନ୍ତେ ଉତ୍ସବ ମୁଖର ହୋଇ ପଡ଼ିଥିଲା। ମା' ବାସୁଳୀ ଓ ମଙ୍ଗଳାଙ୍କ ପୀଠରେ ୩ ଦିନ ଧରି ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଶତ୍ରୁଘ୍ନ ଦଳେଇ, ରବିନ୍ଦ୍ର ଦଳେଇ, ପ୍ରଦୀପ ଦଳେଇ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମୋଟ ୪୮ ଜଣ ଭକ୍ତା ଉଡ଼ିବାରେ ଭାଗ ନେଇଥିଲେ। ଉଡା କାର୍ଯ୍ୟ ପୂର୍ବରୁ ଭକ୍ତା ଓ ଦାସୀମାନଙ୍କ ଦ୍ୱାରା ଗ୍ରାମରେ ଯାତ୍ରା ଘଟ ପରିକ୍ରମା କରି ବାସୁଳୀଙ୍କ ପୀଠରେ ପହଞ୍ଚିଥିଲା। ଏଥି ପୂର୍ବରୁ ୩ ଦିନ ସନ୍ଧ୍ୟାରେ ପୃଥକ ଭାବେ ନିଆଁପାଟ, କଣ୍ଟାପାଟ ଓ ଝୁଲାପାଟ ଶିବ ମନ୍ଦିର ସମ୍ମୁଖରେ ଦାସୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ମାନସିକ ଥିବା ୪ ଶିଶୁଙ୍କୁ ଉଡ଼ା ଖୁଣ୍ଟରେ ଉଡ଼ା ଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ୧୪ ଜଣ ଶ୍ରଦ୍ଧାଳୁ ଚଳିତ ବର୍ଷ ପାରମ୍ପରିକ ଭାବେ ନିଜ ନିଜ ପିଠିରେ କ୍ରୁର ସାଧନା କରିଥିଲେ। ପରିଚାଳନା କମିଟିର ସଭାପତି କରୁଣାକର ଦାସ, ଦିବାକର ଦାସ, ପ୍ରକାଶ ଶୀଳ, କେଶବ ଚନ୍ଦ୍ର ଦାଶ, ହରେକୃଷ୍ଣ ଦାଶଙ୍କ ସମେତ ଗ୍ରାମବାସୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ପଛରେ ପଡ଼ିଛି ଶିମିଳିପାଳ

## ଉଦଳାରେ ବିକ୍ରି ହେଉଛି ଆନ୍ଧ୍ର ଜଡ଼ିବୁଟି

ଉଦଳା,୧୫।୪ (ସନ୍ତୋଷ କୁମାର ବାଛିନୀ)

ବଜାରର ଜନଗହଳିପୂର୍ଣ୍ଣ ସ୍ଥାନରେ ବସିଛନ୍ତି ଆୟୁର୍ବେଦିକ ଏବଂ ଚେରମୂଳି ଦୋକାନୀ। ଯେଉଁମାନେ ବିଭିନ୍ନ ପ୍ରକାର ଆୟୁର୍ବେଦିକ ଚୂର୍ଣ୍ଣ ବିକ୍ରୀ କରୁଛନ୍ତି ଆଉ ସେଠାରେ ଲାଗୁଛି ଲୋକଙ୍କ ଭିଡ଼। ହେଲେ ସୁଦୂର ଆନ୍ଧ୍ରପ୍ରଦେଶ ଅଞ୍ଚଳରୁ ଏହି ବ୍ୟବସାୟୀମାନେ ଆସି ମୟୂରଭଞ୍ଜ ଜିଲା ଉଦଳାରେ ଆୟୁର୍ବେଦିକ ଦୋକାନର ପସରା ଖୋଲିଛନ୍ତି। କିନ୍ତୁ ଔଷଧୀୟ ବୃକ୍ଷର ଗନ୍ତାଘର ଶିମିଳିପାଳରୁ ଏହି ଜଡ଼ିବୁଟି ସଂଗ୍ରହ କରାଯାଇପାରୁନାହିଁ। ଆନ୍ଧ୍ରପ୍ରଦେଶ ବେପାରୀମାନେ ଅଶ୍ୱଗନ୍ଧା, ପାତାଳ କୁମୁଡା, ତାଲିମୁଳି, ଲାଲବଛ, ହରିଡ଼ା, ବାହାଡା, ଅର୍ଜୁନଛାଲି, ପାତାଳ ଗରୁଡ଼ ଭଳି ବହୁ ଆୟୁର୍ବେଦିକ ଔଷଧ ବିକ୍ରୀ କରୁଛନ୍ତି। ଯାହାର କି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାରୁ ଏଥିପାଇଁ ସେଠାରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି ସବୁ ଆୟୁର୍ବେଦିକ ବୃକ୍ଷ ପର୍ଯ୍ୟାପ୍ତ ପରିମାଣରେ ଶିମିଳିପାଳ ଭିତରେ ରହିଥିବା ବେଳେ ତାହା ସାମ୍ନାକୁ ଆସି ପାରୁନାହିଁ। ଅନେକ ସମୟରେ ଶିମିଳିପାଳରେ ନିଆଁ ଲାଗିବା ଫଳରେ ଏହି ବୃକ୍ଷ ସବୁ ପୋଡ଼ି ନଷ୍ଟ ମଧ୍ୟ ହୋଇଯାଉଛି। ଯେଉଁଥିପାଇଁ ହାତ ପାହାନ୍ତାରେ ଥାଇ ସୁଦ୍ଧା ତାହା ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ତେବେ ଶିମିଳିପାଳରୁ ଏହି ଔଷଧୀୟ ବୃକ୍ଷକୁ ସଂଗ୍ରହ କରିବା ସହିତ ଆୟୁର୍ବେଦିକ ଭାବେ ଏହାକୁ ବ୍ୟବହାର କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ପରିବେଶବିତ ପ୍ରଦ୍ୟୁମ୍ନ ଦାସ କହିଛନ୍ତି। ସେହିପରି ଶାନ୍ତନୁ ପଣ୍ଡାଙ୍କ କହିବା କଥା, ଏଲୋପ୍ୟାଥିକ ଔଷଧଠାରୁ ଆୟୁର୍ବେଦିକ ଔଷଧ ବହୁତ ଉପଯୋଗୀ ହୋଇଥିବାରୁ ଏଥିପ୍ରତି ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯିବା ଜରୁରୀ।


ଉଦଳାରେ ଜଣେ ଆନ୍ଧ୍ର ବ୍ୟବସାୟୀ ଜଡ଼ିବୁଟି ବିକ୍ରି କରୁଛନ୍ତି।

## ହାସିମପୁରରୁ ମୟୂର ଉଦ୍ଧାର

ବାଲିଆପାଳ(ରାଜଶ୍ରୀ ପାଣିଗ୍ରାହୀ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୧୫।୪: ବାଲିଆପାଳ ବ୍ଲକ ଅଧୀନ ହାସିମପୁର ଗ୍ରାମରେ ସୂର୍ଯ୍ୟାନ୍ତ ମହାନ୍ତିଙ୍କ ବାଡ଼ିରେ ବୁଧବାର ଏକ ମୟୂର ପଛରେ କିଛି ବୁଲା କୁକୁର ଗୋଡାଉଥିବା ଦେଖିଥିଲେ। ପରିବାର ଲୋକେ ମୟୂରକୁ ଉଦ୍ଧାର କରି ଘରକୁ ଆଣିଥିଲେ। ମୟୂରଟି କୁଆଡୁ ଆସିଲା ତାହା ଜଣାପଡୁନାହିଁ। ସ୍ଥାନୀୟ ଲୋକେ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ପରେ ବନବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ବନବିଭାଗ ଅଧିକାରୀ ମନୋଜ ଧଡା ଓ ତାଙ୍କ ଟିମ୍ ପହଞ୍ଚି ମୟୂରକୁ ନିଜ ହେପାଜତକୁ ନେଇଛନ୍ତି। ଡିଏଫଓଙ୍କ ପରାମର୍ଶରେ ଯେଉଁଠି ଛାଡିବା କଥା ଛଡ଼ାଯିବ ବୋଲି କହିବା ସହିତ ପୋଷ ମୟୂର ବୋଲି ଜଣାପଡୁଛି ବୋଲି ବନ ଅଧିକାରୀ କହିଛନ୍ତି।



# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର



ଅତିଥିଙ୍କ ଦ୍ୱାରା ସାରାଂଶ ପୁସ୍ତିକା ଉନ୍ମୋଚନ କରାଯାଉଛି।

### 'ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା କଲ୍ୟାଣ'

ବାଲେଶ୍ୱର,୧୫।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧ୍ୟୟନ ବିଭାଗ ପକ୍ଷରୁ 'ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା କଲ୍ୟାଣ' ବିଷୟକ ଦୁଇଦିନିଆ ଜାତୀୟ ସେମିନାର ବୁଧବାର ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ କୃତିତ୍ୱ ଓ ଗବେଷଣାମୂଳକ ଆଲୋଚନା ପ୍ରତି ଯତ୍ନଶୀଳ ତଥା ପ୍ରୟାସକୁ ସଫଳ କରିବାର ଲକ୍ଷ୍ୟ ନେଇ ଏହା ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମିଳନୀ ଆବାହକ ଡ଼. ଗ୍ରେସ ବି. ମୁଣ୍ଡୁ ସ୍ୱାଗତ ବକ୍ତବ୍ୟ ଓ ସଙ୍ଗଠନ ସଚିବ ଡ଼. ଜଗନ୍ନାଥ ବେହେରା ବିଷୟବସ୍ତୁ ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ବିଭାଗୀୟ ସମାଚାର ପତ୍ର (୨୦୨୪୨୫) ଓ ସେମିନାର ସାରାଂଶ ପୁସ୍ତିକା (୨୦୨୬) ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ ଯୋଗଦେଇ ସ୍ୱାସ୍ଥ୍ୟର ସାମାଜିକ-ସାଂସ୍କୃତିକ- ନିର୍ଣ୍ଣାୟକ ତଥା ସମୁଦାୟ ଭିତ୍ତିକ ସଂଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ମୁମ୍ବାଇର ଆଇଆଇପିଏସ୍‌ର ପ୍ରଫେସର ସାୟିଦ ଉନିସା ଭାରତରେ ଉଦ୍ଭବମାନ ସାର୍ବଜନୀନ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସମୂହ ଉପରେ ଆଲୋଚନା କରି ତଥ୍ୟଭିତ୍ତିକ ନୀତିର ହସ୍ତକ୍ଷେପର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଶିକ୍ଷାନୁଷ୍ଠାନମାନଙ୍କର ପ୍ରଭାବଶାଳୀ ଗବେଷଣା ଓ ସହଯୋଗାତ୍ମକ ଶିକ୍ଷାରେ ଭୂମିକାକୁ ଉଲ୍ଲେଖ କରିଥିଲେ। ଏହି ଦୁଇଦିନିଆ ସେମିନାରରେ ୩ଟି ପ୍ଲେନାରୀ ଅଧିବେଶନ, ୬ଟି ପ୍ରାୟୋଗିକ ଅଧିବେଶନ ଓ ଏକ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି, ଯେଉଁଥିରେ ସମଗ୍ର ଦେଶର ଗବେଷକମାନେ ଅଂଶଗ୍ରହଣ କରୁଛନ୍ତି। ଶେଷରେ ଯୁକ୍ତ ସଙ୍ଗଠନ ସଚିବ ମାନସ କୁମାର ପାତ୍ରୀ ଧନ୍ୟବାଦ ଦେଇଥିଲେ।

## ସୁବର୍ଣ୍ଣରେଖାରେ ବୁଡ଼ି ନାବାଳକ ମୃତ

ଜଳେଶ୍ୱର, ୧୫।୪(ନବୀନ ସାହୁ)

ମେଳା ଦେଖିବାକୁ ଯାଇ ସୁବର୍ଣ୍ଣରେଖା ନଦୀରେ ନିଖୋଜ ହୋଇଥିବା ନାବାଳକଙ୍କ ମୃତଦେହ ୨୪ ଘଣ୍ଟା ପରେ ଉଦ୍ଧାର ହୋଇଛି। ମୃତ ନାବାଳକ ହେଲେ ଚିତ୍ରାରାମ ନାଥଙ୍କ ୧୪ବର୍ଷୀୟ ପୁଅ ସୁନୀଲ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଗୋବର୍ଦ୍ଧନପୁର ଅଞ୍ଚଳରେ।

ମହାବିଷୁବ ସଂକ୍ରାନ୍ତି ଅବସରରେ ବସ୍ତା ବ୍ଲକର ବେଲି ଦାରବୁଡ଼ି ମା'ଙ୍କ ପୀଠରେ ବସିଥିବା ବାଲିମେଳା ଦେଖିବାକୁ ସୁନୀଲ ତାଙ୍କର ୩ଜଣ ସାଙ୍ଗଙ୍କ ସହ ଯାଇଥିଲେ। ମଙ୍ଗଳବାର ସକାଳ ପ୍ରାୟ ୧୧ଟା ବେଳେ ମେଳା ଦେଖି ଫେରୁଥିବା ବେଳେ ସେମାନେ ନଦୀ ପାର ହେବା ପାଇଁ ନୌକା ପାଇ ନ ଥିଲେ। ଫଳରେ ୪ସାଙ୍ଗ ହାତ ଧରାଧରି ହୋଇ ନଦୀ ପାର ହେଉଥିବା ବେଳେ ଅସାବଧାନତା ବଶତଃ ସୁନୀଲଙ୍କ ହାତରୁ ଚପଲ ଖସିଯାଇଥିଲା। ଚପଲ ଧରିବାକୁ ଯାଇ ସେ ସାଙ୍ଗଙ୍କ ହାତ ଛାଡ଼ି ଦେଇଥିଲେ ଏବଂ ନଦୀର ପ୍ରଖରସ୍ରୋତରେ ନିଖୋଜ ହୋଇଯାଇଥିଲେ। ଅନ୍ୟ ୩ ସାଙ୍ଗ କୂଳକୁ ଆସି ପରିବାର ଓ ଗ୍ରାମବାସୀଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକ ଓ ମାଛଧରାଳିମାନେ ଖୋଜାଖୋଜି ଆରମ୍ଭ କରିଥିଲେ। ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ସୁନୀଲଙ୍କ କୌଣସି ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ଓଡ୍ରାଫ୍ ଟିମ୍ ପହଞ୍ଚି ସେହି ସ୍ଥାନରୁ ସୁନୀଲଙ୍କ ମୃତଦେହ ଉଦ୍ଧାର କରିଛି।

## ୨୦୦୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପୁରାତନ ଛାତ୍ରୀମାନେ।

ବାଲେଶ୍ୱର,୧୫।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକବ୍ୟାଚର ୨୫ବର୍ଷ ପୂର୍ତ୍ତିଉପଲକ୍ଷେ ପୁରାତନ ଛାତ୍ରୀମାନଙ୍କୁ ନେଇ ରବିବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିଡ଼ିଆପୋଲସ୍ଥିତ ହୋଟେଲ ଲକି ଇଣ୍ଟର୍‌ନ୍ୟାଶନାଲରେ ଆୟୋଜିତ ସଭାରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଊର୍ମିଳା ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ବ୍ୟାଚର ପୁରାତନ ଛାତ୍ରୀମାନେ ପୁରୁଣା ଛାତ୍ର ଜୀବନ ବିଷୟରେ ଆଲୋଚନା ପୂର୍ବକ ଭାବବିହ୍ୱଳ ହୋଇଥିଲେ। ପ୍ରାକ୍ତନ ଶିକ୍ଷୟିତ୍ରୀ ନାୟକଙ୍କୁ ୨୦୦୧ ବ୍ୟାଚର ଛାତ୍ରୀମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଛାତ୍ରୀମାନେ ବିଦ୍ୟାଳୟ ପ୍ରାଙ୍ଗଣକୁ ଯାଇ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ପୁରାତନ ଛାତ୍ରୀସଂସଦକୁ କିପରି କାର୍ଯ୍ୟକାରୀ ପୂର୍ବକ ବିଦ୍ୟାଳୟର ଉନ୍ନତି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ସମଗ୍ର ଓଡିଶା ତଥା ରାଜ୍ୟ ବାହାରରୁ ୪୫ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀ ଯୋଗଦେଇଥିଲେ। ଉକ୍ତ ବ୍ୟାଚ ଛାତ୍ରୀ ଶାଶ୍ୱତୀ କର ପରିଚାଳନା କରିଥିଲେ। ସଂଯୁକ୍ତା ଦେ, ସଂଗୀତା ବେହେରା ତଥା ଇଞ୍ଜିନିୟର ସାଜେଦା ଖାତୁନ ସହଯୋଗ କରିଥିଲେ।

## 'ପଞ୍ଚାୟତ ସ୍ତରରେ ଭାଜପାକୁ ଶକ୍ତିଶାଳୀ କରିବାକୁ ଅଣ୍ଟା ଭିଡ଼'

ଭୋଗରାଇ, ୧୫।୪(ପ୍ରଦୀପ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତ ଗଢିବା ନିମନ୍ତେ ସମସ୍ତଙ୍କ ସାଥିରେ, ସମସ୍ତଙ୍କ ବିକାଶ, ସମସ୍ତଙ୍କର ପ୍ରୟାସ ଆହ୍ୱାନ ଆଜି ଯୁବତୀ, ଯୁବକ ଓ ବୃଦ୍ଧାବୃଦ୍ଧଙ୍କ ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ବାଲେଶ୍ୱର ଜିଲା ଭୋଗରାଇ ମଣ୍ଡଳ ରସଲପୁର ପଞ୍ଚାୟତରେ ସଭାପତି ଯଦୁନାଥ ଜେନାଙ୍କ ପୌରୋହିତ୍ୟରେ ଭାଜପାର ଗାଁକୁ ଚାଲ ଅଭିଯାନ ଓ ସଚେତନତା ସଭା କରାଯାଇଥିଲା । ମଣ୍ଡଳ ସଭାପତି ପରମାନନ୍ଦ ପରିଡାଙ୍କ ନେତୃତ୍ୱରେ ଭାଜପା ନେତା ଅଧୀର ଜେନା, ସୁଜିତ କୁମାର ଦାସ, ବୈଦ୍ୟନାଥ ଭଞ୍ଜ, ପ୍ରଫୁଲ୍ଲ କାମିଳା, ବୁଥ ସଭାପତି ବିଷ୍ଣୁପଦ ସେଠୀ ପ୍ରମୁଖ ଗାଁ ଅଭିଯାନରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଏକ ସଭାରେ ପଞ୍ଚାୟତ ଓ ଜୋନସ୍ତରୀୟ ଶକ୍ତିଶାଳୀ ସଙ୍ଗଠନ ଗଢି ତୋଳିବାକୁ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଗଛରେ ପିଟିହେଲା ବରଯାତ୍ରୀ ବସ୍: ଜଣେ ମୃତ, ୧୫ ଆହତ

ସିମୁଳିଆ, ୧୫।୪(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୧ କି. ମି. ଦୂର ୧୬ନଂ. ଜାତୀୟ ରାଜପଥର କଣିଆରି ଛକ ନିକଟରେ ବୁଧବାର ସକାଳ ସାଢେ ୬ଟାରେ ବରଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବର ମହମ୍ମଦ ହୁସେନ କାଦ୍ରି (୩୫) ଓ କନ୍ୟା ନୁରୀ ସାବା(୨୦)ଙ୍କ ସମେତ ୧୩ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଏମିତି ଫୋରମ୍(୪୫) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ଗତ ସୋମବାର ରାତିରେ ଭୁବନେଶ୍ୱର ଡୁମୁଡୁମାର ଅହମ୍ମଦ ହୁସେନ କାଦ୍ରିଙ୍କ ବିବାହ ଉତ୍ସବରେ ୧୫ଜଣ ବରଯାତ୍ରୀ କୋଲକାତାର କ୍ଷିଦ୍ରାପୁର ଅଞ୍ଚଳକୁ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଇଥିଲେ। ମଙ୍ଗଳବାର ବିବାହ ସରିବା ପରେ ରାତିରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ତେବେ କଣିଆରୀ ନିକଟରେ ବରଯାତ୍ରୀ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ପାଣି ନାଳ ଭିତରକୁ ପଶିଯାଇ ଏକ ଗଛ ସହିତ ଧକ୍କା ହୋଇଥିଲା। ସ୍ଥାନୀୟ ଯୁବକମାନେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



କଣିଆରି ନିକଟରେ ଦୁର୍ଘଟଣାଗ୍ରସ୍ତ ବରଯାତ୍ରୀ ଗାଡ଼ି।

ଆହତମାନଙ୍କ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ପୋଲିସ ଓ ଦମକଳ ବାହିନୀ ପହଞ୍ଚିଥିଲା। ଏହି ବସ୍‌ରେ ୪ଜଣ ଶିଶୁ, ୫ଜଣ ମହିଳା ଓ ୬ଜଣ ପୁରୁଷ ଥିଲେ। ଗାଡ଼ି ଚାଳକ ପ୍ରିୟବ୍ରତ ପାଢ଼ୀ (୩୪) ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ଘର ନୟାଗଡ଼ ଅଞ୍ଚଳରେ। ତାଙ୍କ ଆଗରେ ହଠାତ୍ ଅନ୍ୟ ଏକ ଗାଡ଼ି ବ୍ରେକ ମାରିବା ଯୋଗୁ ଭାରସାମ୍ୟ ହରାଇ ସେ ବାମପାର୍ଶ୍ୱକୁ କାଟିଦେବା ଯୋଗୁ ପାଣି ନାଳ ମଧ୍ୟକୁ ଟାଣିହୋଇ ଯାଇଥିବା ଗାଡ଼ି ଚାଳକ କହିଥିଲେ। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ସିମୁଳିଆ ଥାନାଠାରୁ ୫ କି. ମି. ଦୂର ଜାମୁଝଡି ଛକ ନିକଟରେ ପୁରୀରୁ ଟାଟା ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ୍ ମାଛ ବୋଝେଇ ଟ୍ରକ୍ ପଛପଟକୁ ଧକ୍କା ଦେଇଥିଲା। ବସ୍ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିଲେ।

## ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କବିତା ଆସର



ବାହାନଗା, ୧୫।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ଜଳଖଟୁଆ ଗ୍ରାମରେ ଥିବା କରୁଣାକର ପାଠାଗାର ପ୍ରାଙ୍ଗଣରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କବିତା ଆସର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ଶଙ୍କର୍ଷଣ ଶିଅଳଙ୍କ ପୌରୋହିତ୍ୟରେ ମହାବିଷୁବ ସଂକ୍ରାନ୍ତି ଓ ଉତ୍କଳୀୟ ନବବର୍ଷ ମହା ସମାରୋହରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ମହାରଣା ଯୋଗଦେଇ ଆଜିର ଡିଜିଟାଲ ଯୁଗରେ ଆମ ସଂସ୍କୃତି ଓ ପରମ୍ପରାକୁ କିପରି ବଞ୍ଚାଇ ରଖିବା ସବିଶେଷ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡାଶୁଣୀ ପଞ୍ଚାୟତର ସରପଞ୍ଚ ପରୀକ୍ଷିତ ମାଝୀ ଓଡ଼ିଆ ନବବର୍ଷ ପାଳନ କରିବା ସହ ଓଡ଼ିଆ ଅସ୍ମିତାକୁ ଆମେ କିପରି ବଜାୟ ରଖିବା ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷକ ଅଞ୍ଜନ ଦାସ ଓ ଅଧ୍ୟାପକ ପଦ୍ମଲୋଚନ ପ୍ରଧାନ ଓଡ଼ିଆ ଜାତିର ଇତିହାସ ଓ ବୀରତ୍ୱର ଗାଥା ବଖାଣିଥିଲେ। କବିତା ଆସରରେ ପାଠାଗାର ସଭାପତି ପଣ୍ଡିତ କରୁଣାକର ଶଙ୍ଖୁଆ ପ୍ରାରମ୍ଭିକ ଉଦବୋଧନ ଦେଇଥିଲେ। ଉପସ୍ଥିତ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମହେଶ୍ୱର ଶଙ୍ଖୁଆ, ଭାସ୍କର ବାରିକ, ଗୋବିନ୍ଦ ମହାରଣା, ଜୟନ୍ତୀ ଶଙ୍ଖୁଆ, ପଲ୍ଲବୀ ପରିଡ଼ା, ରାଜଶ୍ରୀ ଶଙ୍ଖୁଆ, ପଦ୍ମଲୋଚନ ପ୍ରଧାନ, ଅମରେନ୍ଦ୍ର ଶଙ୍ଖୁଆ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ହିମାଂଶୁ ସାହୁ ଧନ୍ୟବାଦ ଦେଇଥିଲେ।

## ଅନୈତିକ କାର୍ଯ୍ୟକଳାପ ସନ୍ଦେହରେ ବାଂଲାଦେଶୀ ଯୁବତୀ ଅଟକ

ବାଲେଶ୍ୱର, ୧୫।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଅନୈତିକ କାର୍ଯ୍ୟକଳାପ ସନ୍ଦେହରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ବୁଧବାର ସହଦେବଖୁଣ୍ଟା ଥାନା ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ବାଂଲାଦେଶୀ ଯୁବତୀଜଣକ ସହଦେବଖୁଣ୍ଟା ଥାନା ଚାନ୍ଦମାରିପଡ଼ିଆ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କ ସହିତ କେନ୍ଦୁଝରର ଜଣେ ଯୁବତୀ ରହୁଥିଲେ। ମଙ୍ଗଳବାର କେନ୍ଦୁଝରର ଯୁବତୀଙ୍କ ମୋବାଇଲ ଫୋନକୁ ତାଙ୍କର ଜଣେ ଯୁବକ ବନ୍ଧୁ ଛଡ଼ାଇ ନେଇ ଆଉ ନ ଫେରାଇବାରୁ ସେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କଠାରୁ ମୋବାଇଲ ଜବତ କରି କେନ୍ଦୁଝର ଯୁବତୀଙ୍କୁ ଦେବା ବେଳେ ଯୁବତୀଙ୍କ ପରିଚୟ ପଚାରିଥିଲେ। ଯୁବତୀଜଣକ କହିଥିଲେ ଯେ, ତାଙ୍କ ପରିବାର ଲୋକଙ୍କ ସହ ଗତ ୮ବର୍ଷ ହେଲା ସମ୍ପର୍କ ନାହିଁ। ତେବେ ପୋଲିସ ଯୁବତୀଙ୍କଠାରୁ ମୋବାଇଲ୍ ନମ୍ବର ନେଇ ଯୁବତୀଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ। ପରିବାର ଲୋକ ମଧ୍ୟ ଝିଅ ସହିତ ତାଙ୍କର କୌଣସି ସମ୍ପର୍କ ନ ଥିବା କହିବା ପରେ ପୋଲିସ ତାଙ୍କୁ ନାରୀସଂଘରେ ଛାଡିଥିଲେ। ତେବେ ବୁଧବାର କେନ୍ଦୁଝର ଯୁବତୀଙ୍କୁ ନେବା ପାଇଁ ତାଙ୍କର ରୁମମେଟ ବାଂଲାଦେଶୀ ଯୁବତୀ ସହଦେବଖୁଣ୍ଟା ଥାନାକୁ ଆସିଥିଲେ। ସେ ନାରୀସଂଘରେ ଥିବା ପୋଲିସ କହିବା ପରେ ବାଂଲାଦେଶୀ ଯୁବତୀ କେନ୍ଦୁଝର ଯୁବତୀଙ୍କୁ ଆଣିବା ପାଇଁ ବାଲେଶ୍ୱର ନାରୀସଂଘକୁ ଯାଇଥିଲେ। ନାରୀସଂଘ ଅଧ୍ୟକ୍ଷା ତାଙ୍କୁ ଚିହ୍ନି ନେଇ ପୋଲିସକୁ ଖବର ଦେଇଥିଲେ। ୨୦୨୩ରେ ଅନୈତିକ ଚାଲାଣ ମାମଲା(ନଂ. ୮୧/୨୩)ରେ ବାଂଲାଦେଶୀ ଯୁବତୀଙ୍କୁ ବସ୍ତା ଥାନା ପୋଲିସ ଗିରଫ କରିଥିଲା। ପରେ ସମ୍ପୃକ୍ତ ବାଂଲାଦେଶୀ ଯୁବତୀଙ୍କୁ ନାରୀ ସଂଘରେ ରଖାଯାଇଥିଲା। ନାରୀସଂଘରୁ ଯିବା ପରେ ସେ ଚାନ୍ଦମାରିପଡ଼ିଆ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ପୋଲିସ ଏସବୁ ତଥ୍ୟ ଜାଣିବା ପରେ ସନ୍ଦେହରେ ବାଂଲାଦେଶୀ ଯୁବତୀଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି।

## କମର୍ଦ୍ଦା ଦଳ ଚାମ୍ପିୟନ

### ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଖେଳାଳି ମାନଙ୍କ ଗହଣରେ ବିଧାୟିକା।

ବାଲିଆପାଳ, ୧୫।୪(ରାଜଶ୍ରୀ ପାଣିଗ୍ରାହୀ/ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ଅଧୀନ ହାକାଣ୍ଡ ଘାଟ ପଡ଼ିଆରେ ବାବା ନିଖିରେଶ୍ୱରଙ୍କ ପ୍ରସିଦ୍ଧ ଚଡ଼କ ମେଳା ଉପଲକ୍ଷେ ମଙ୍ଗଳବାର ମୈତ୍ରୀ କ୍ଲବ୍ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୋବିନ୍ଦ ପ୍ରସାଦ ଦାସ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟକୃଷ୍ଣ ବେହେରା, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ସପନ ଦାସ, ଯୁବନେତା ଜୟନାରାୟଣ ଜେନା, କୀର୍ତ୍ତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ମୟୂରଭଞ୍ଜ, ନିଖିରା, ଘଣ୍ଟୁଆ, ପାଇକ ସାହି, କମର୍ଦ୍ଦା, ଡ଼ଗରା, ଶଶିଦା, ଜାମକୁଣ୍ଡା, ଦରଡ଼ା ଆଦି ୯ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନିଖିରା ଦଳକୁ ହରାଇ କମର୍ଦ୍ଦା ଦଳ ଚାମ୍ପିୟନ ହୋଇଥିଲେ। ।

## ସୋରରେ ୧୧୧ ଫୁଟର ହନୁମାନ ମୂର୍ତ୍ତି ପାଇଁ ଭୂମିପୂଜା

ସୋର, ୧୫।୪(ଜନ୍ମେଜୟ ମିଶ୍ର)

ସୋର ପୌରାଞ୍ଚଳ ଅନ୍ତର୍ଗତ ମା' ମରିଚେଇ ପ ବଜରଙ୍ଗ ବାଟିକା ଆନୁକୂଲ୍ୟରେ ଓ ସର୍ବୋଚ୍ଚ ବାବା ରୁଦ୍ରାବତାର ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ବଜରଙ୍ଗ ବାଟିକାରେ ପୂଜାର୍ଚ୍ଚନା ପରେ ସୋର ବିଧାୟକ ମାଧବ ଧଡା ଏହି ପୂଜା କରିବା ସହିତ ହନୁମାନ ମୂର୍ତ୍ତିର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ମୂର୍ତ୍ତି ପ୍ରତିଷ୍ଠାର ମୁଖ୍ୟ ଉଦ୍ୟୋକ୍ତା ସଞ୍ଜୟ କୁମାର ଧଡା, ସାମାଜିକ କର୍ମୀ ଲୋକନାଥ ରାଉତ, ଚିନ୍ମୟ ଧଡା, ନୈନା ଧଡା, ନିଲୁ ପଣ୍ଡିତ, ଚିନ୍ତାମଣି ଦାସ, ଯଦୁନାଥ ଧଡା ପ୍ରମୁଖ ଏହି ଭୂମିପୂଜନ ଉତ୍ସବରେ ଯୋଗଦେଇଥିଲେ। ଏହାପରେ ମରିଚେଇଠାରେ ଯଜ୍ଞ କାର୍ଯ୍ୟ ଦିବସବ୍ୟାପୀ ଅନୁଷ୍ଠିତ ହୋଇଥିଲା।

## ଡୁମ୍ବାପଦିରେ ପାଟୁଆ ଯାତ୍ରା

ଖଇରା, ୧୫।୪ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ରତିଶା ପଞ୍ଚାୟତ ଅଧୀନ ଡୁମ୍ବାପଦି ଗ୍ରାମରେ ଆଜକୁ ୧୨ବର୍ଷ ଧରି ପାଳିତ ହୋଇଆସୁଥିବା ପାଟୁଆ ଯାତ୍ରା ବୁଧବାର ଶେଷ ହୋଇଯାଇଛି। ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ପର୍ବରେ ମା' ଘଣ୍ଟ ବାସୁଳି ମନ୍ଦିର ପ୍ରତିଷ୍ଠାତା ଚିନ୍ତାମଣି ପାଣିଗ୍ରାହୀ, ପାଟୁଆ କମିଟି ସଭାପତି ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଉଡ଼ା ପର୍ବ ସମ୍ପୂର୍ଣ୍ଣ ହୋଇଥିଲା। ପୁରୋହିତ ନିରାକାର ଶତପଥୀ, ସନିଆ ଦେହୁରୀ ମା ବାସୁଳିଙ୍କ ପୂଜାର୍ଚ୍ଚନା କରିଥିଲେ। ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ମହାନ୍ତି, ସୁରେନ୍ଦ୍ର ବେହେରା, ମୁକ୍ତିକାନ୍ତ ସ୍ୱାଇଁ, ସୁଧାକର ଦାସ, ସୁଶାନ୍ତ ମିଶ୍ର, ଅମର ବେହେରା, ଅଜୟ ବେହେରା, ଜନ୍ମେଜୟ ତ୍ରିପାଠୀ, ଶମ୍ଭୁନାଥ ନାୟକ, ଗୋପାଳ ଦାସ, ରାକେଶ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ମଙ୍ଗଳବାର ରତିଶା ପଞ୍ଚାୟତ ଅଫିସ ଆଗରେ ଥିବା ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ଦିବସବ୍ୟାପୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ହନୁମାନ ମୂର୍ତ୍ତି ପ୍ରତିଷ୍ଠାତା ଅଶୋକ ମହାପାତ୍ର, ଆୟୋଜକ ଆଲୋକ ନାୟକ, ରାଜପ୍ରିୟ ମହାପାତ୍ର, ସୁରେନ୍ଦ୍ର ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିଲା।


ଡୁମ୍ବାପଦି ଗ୍ରାମର ଉଡ଼ାପର୍ବ।

## ଡୁବଡୁବି ନଦୀ ପୋଲ ନିର୍ମାଣ ଖୁବ୍‌ଶୀଘ୍ର

### ନୂତନ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କଲେ ବିଧାୟକ

ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ମହକୁମାରୁ କଷାଫଳ ପଞ୍ଚାୟତକୁ ସିଧାସଳଖ ଯୋଗାଯୋଗ ପାଇଁ ଡୁବୁଡୁବି ନଦୀ ଉପରେ ଦୀର୍ଘ ଦିନରୁ ନିର୍ମାଣାଧୀନ ପୋଲ କାର୍ଯ୍ୟ ଆପାତତଃ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି। ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦାସୀନତା ପାଇଁ ଏହି ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା କାରଣରୁ ରାଜ୍ୟ ସରକାର ନିର୍ମାଣକାରୀ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିଯୁକ୍ତ ହୋଇଥିବା ନୂଆ ଠିକାଦାର ସଂସ୍ଥାକୁ ସଦର ବିଧାୟକ ମାନସ କୁମାର ଦତ୍ତ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି।

ବୁଧବାର ଡୁବୁଡୁବି ନଦୀର ସାହୁଘାଟଠାରେ ପହଞ୍ଚି ବିଧାୟକ ଦତ୍ତ ଅସମ୍ପୂର୍ଣ୍ଣ ପୋଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଧାପନ୍ତରିଆ ହୋଇ ପଡିରହିଥିବା ପୋଲର ନିର୍ମାଣ କାର୍ଯ୍ୟ ସାରିବାକୁ ଠିକାଦାର ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସଦର ମହକୁମାରୁ କଷାଫଳ ପଞ୍ଚାୟତକୁ ଦୂରତା ପାଖାପାଖି ୬୦ କି.ମି.। ଏହି ଦୂରତାକୁ କମାଇବା ପାଇଁ ଡୁବୁଡୁବି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଦାବିକୁ ଦୃଷ୍ଟିରେ ରଖି ୫କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୭ବର୍ଷ ତଳୁ ଆରମ୍ଭ ହୋଇଥିବା ୧୦୦ଫୁଟ ଲମ୍ବର ପୋଲ ନିର୍ମାଣ କାର୍ଯ୍ୟରେ ଦୁଇ ଦୁଇ ଜଣ ଠିକାଦାର ନିୟୋଜିତ ହୋଇଥିଲେ ବି କେବଳ ଦୁଇଟି ପିଲର ନିର୍ମାଣ କାର୍ଯ୍ୟ ବି ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ବିଧାୟକ ଦତ୍ତ ନିର୍ବାଚିତ ହେବା ପରେ ସାହୁଘାଟଠାରେ ନିର୍ମାଣସ୍ଥଳୀ ପରିଦର୍ଶନ ସହ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଫଳରେ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଧାୟକ ବିଧାନସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲ ନିର୍ମାଣକାରୀ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି ସହ ଚୁକ୍ତିନାମାକୁ ୨ ଥର ରଦ୍ଦ କରାଯାଇଥିବା ମନ୍ତ୍ରୀ ରବିନାରାୟଣ ନାଏକ ବିଧାନସଭାରେ ଦର୍ଶାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସମ୍ପୃକ୍ତ ଠିକାସଂସ୍ଥା ପୁନର୍ବାର ନିର୍ମାଣ ପାଇଁ ଅନୁମତି ପାଇଥିଲେ ବି ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିବା ଅଭିଯୋଗରେ ଠିକାସଂସ୍ଥାର ଚୁକ୍ତିନାମାକୁ ୨୦୨୫ ନଭେମ୍ବର ୧୩ରେ ରଦ୍ଦ କରାଯାଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସକ୍ରିୟ ହୋଇ ଡୁବଡୁବି ନଦୀ ପୋଲର ବଳକା କାର୍ଯ୍ୟକୁ ଅନ୍ୟ ଏକ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ଠିକାଦାର ସଂସ୍ଥା ଚୟନ କରିଛି । ସଦର ବିଧାୟକ ଦତ୍ତଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି ।


ବିଧାୟକ ମାନସ ଦତ୍ତ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

## ନବ ନିର୍ମାଣ କୃଷକ ସଙ୍ଗଠନ ନେତାଙ୍କୁ ସ୍ୱାଗତ

ପାଟଣା,୧୫।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସହ ସଂଯୋଜକ ଖଗେଶ୍ୱର ମହାନ୍ତ ଜେଲରୁ ଖଲାସ ହୋଇ ମଙ୍ଗଳବାର ଭୁବନେଶ୍ୱରରୁ ଆସି ପାଟଣା ପୁରୁଣା ବସ୍ଷ୍ଟାଣ୍ଡରେ ବସ୍‌ରୁ ଓହ୍ଲାଇବା ପରେ ତାଙ୍କୁ ସଙ୍ଗଠନ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ପାଟଣା ବ୍ଲକ ସଭାପତି ରାଜ ବଲ୍ଲଭ ମିଶ୍ର, ଜିଲା ସହ ସଂଯୋଜିକା ବିଳାସିନୀ ମହାନ୍ତ, ରାଜୁ ମହାନ୍ତ, ରମାକାନ୍ତ ମହାନ୍ତଙ୍କ ସହ ଅନେକ ନେତା ସାମିଲ ହୋଇଥିଲେ। ସେହିଭଳି ପୁରୁଣାପାଟଣାରେ ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା ଖଗେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ, ଚାଷୀମାନଙ୍କୁ ଭତ୍ତା, ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା, ୫ଶହ ୟୁନିଟ ମାଗଣା ବିଜୁଳି ଦାବି ନେଇ ଘଟଗାଁରୁ ଭୁବନେଶ୍ୱର ପଦଯାତ୍ରାରେ ସହକର୍ମୀଙ୍କ ସହ ଯାଉଥିବା ବେଳେ ତାଙ୍କୁ କଟକ ଫୁଲନଖରା ନିକଟରୁ ଗତ ମାର୍ଚ୍ଚ ୩୦ରେ ପୋଲିସ ଗିରଫ କରିଥିଲା। ତାଙ୍କୁ ନେଇ ଚୌଦ୍ୱାର ଜେଲରେ ରଖା ଯାଇଥିବା ବେଳେ ସୋମବାର ସେ ଜେଲରୁ ଖଲାସ ହୋଇଥିଲେ।

# ଦେହରେ କଣ୍ଟାଫୋଡ଼ି ଉଡ଼ିଲେ ପାଟଭକ୍ତା

### ପୋଇପାଣିରେ ପାଟ ଉଡ଼ାପର୍ବ


ପାଟଭକ୍ତା କଣ୍ଟାରେ ଝୁଲୁଛନ୍ତି।

କେନ୍ଦୁଝର,୧୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପୋଇପାଣି ଗ୍ରାମରେ ମଙ୍ଗଳବାର ପଣା ସଂକ୍ରାନ୍ତି, ଚଇତି ପର୍ବ ଅବସରରେ ପାଟ ଉଡ଼ାପର୍ବ ପାଳିତ ହୋଇଯାଇଛି। କାନଝରୀ ନଦୀ କୂଳ ମା' ବାସୁଳି ଠାକୁରାଣୀଙ୍କ ପୀଠରେ ପାଟଭକ୍ତା ସଂସାରର ମଙ୍ଗଳ ପାଇଁ ଦେହରେ କଣ୍ଟାଫୋଡ଼ି ହୋଇ ଝୁଲିଥିଲେ। ପୋଇପାଣି ସଂରକ୍ଷିତ ଜଙ୍ଗଲ ପରିବେଷ୍ଟିତ ଏହି ସ୍ଥାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ହଜାର ଲୋକଙ୍କ ସମାବେଶ ଲାଗି ରହିଥିଲା। ପ୍ରକାଶ ଯେ, ମା' ବାସୁଳି ଶାଳରେ ପୂଜାର୍ଚ୍ଚନା ସହିତ ଉଡ଼ା ପର୍ବ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତିରେ ନଦୀକୂଳରେ ମା' ବାସୁଳି ଶାଳରେ ମନ୍ଦିର ପୂଜକ ବ୍ରାହ୍ମଣ ରଘୁନାଥ ପଣ୍ଡା ଘଟ ସ୍ଥାପନ କରିଥିଲେ। ସେହିପରି ଶାଳ ଦେହୁରୀ ବିଷ୍ଣୁ କୁଣ୍ଡଳିଆ ବିଧି ଅନୁସାରେ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି କରିଥିଲେ। ପରମ୍ପରା ଅନୁଯାୟୀ ଦେହୁରୀ ପ୍ରଥମେ ନିଜ ଦେହକୁ କଣ୍ଟାରେ ଫୋଡି ରକ୍ତଦାନ କରିଥିଲେ। ପରେ ମାନସିକଧାରୀ ତଥା ପାଟଭକ୍ତା ଉଦ୍ଧବ ମହାନ୍ତ, ବାୟାଧର ବେହେରା, ନିରଞ୍ଜନ ବେହେରା, ଗୁରୁ ବେହେରା, ଶ୍ରୀକାନ୍ତ ବେହେରା, ଦାଶରଥି ବେହେରା ଶରୀରରେ କଣ୍ଟାଫୋଡ଼ି ଝୁଲିବା ସହ ନାଚିଥିଲେ। ପ୍ରଥମେ ସେମାନେ ଚମ୍ପକେଶ୍ୱରୀ ମହାଦେବ ମନ୍ଦିର ପରିକ୍ରମା କରିବା ପରେ ଉଡ଼ା ଖୁଣ୍ଟ ନିକଟକୁ ଯାଇଥିଲେ। ଅନ୍ୟ ମାନସିକଧାରୀ ମଧ୍ୟ ନିଜ ଦେହରେ କଣ୍ଟା ଫୋଡ଼ାଇଥିଲେ। ପାଟ ଭକ୍ତା ଉପରେ କଣ୍ଟା ଫୋଟି ହୋଇ ଉଡୁଥିବା ସମୟରେ ସେମାନେ ଧାରଣ କରିଥିବା ଫୁଲ ତଳେ ପଡୁଥିଲା। ଫୁଲ ପାଇଲେ ମାନସିକ ପୂରଣ ହେବା ନେଇ ବିଶ୍ୱାସ ରହିଥିବାରୁ ତାହାକୁ ଶ୍ରଦ୍ଧାଳୁ ଶ୍ରଦ୍ଧାର ସହ ସଂଗ୍ରହ କରୁଥିଲେ।

## ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ

ପାଟଣା,୧୫।୪(ବୀର କିଶୋର ଦାଶ)

### ଘୁଷାଖୋରୀରେ ୯୭ତମ ବାର୍ଷିକ ଉଡ଼ାଯାତ୍ରା

କେନ୍ଦୁଝର ଜିଲା ପାଟଣା ବ୍ଲକ ଘୁଷାଖୋରୀ ବାସୁଳି ପଡ଼ିଆରେ ମା' ବାସୁଳି ଠାକୁରାଣୀଙ୍କ ୯୭ତମ ବାର୍ଷିକ ଉଡ଼ାଯାତ୍ରା ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ମହାଦେବଙ୍କ ପୂଜକ ଶଶିଧର ମିଶ୍ର ଓ ମା' ବାସୁଳି ଠାକୁରାଣୀ ପୀଠର ପୂଜକ ରମାକାନ୍ତ ଦେହୁରୀଙ୍କ ନୀତିକାନ୍ତି ପୂଜାର୍ଚ୍ଚନା ପରେ ଦେହୁରୀଙ୍କ ଉପସ୍ଥିତିରେ ୧୭ ଜଣ ଭକ୍ତ ପିଠିରେ କଣ୍ଟାଫୋଡି ଉଡା ଖୁଣ୍ଟରେ ଉଡ଼ିଥିଲେ। ପର୍ବ ଦେଖିବାକୁ ଆଖପାଖ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ଏହି ଅବସରରେ ମିନାବଜାର ଓ ଅପେରା ମଞ୍ଚସ୍ଥ କରିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ମା' ବାସୁଳୀ କମିଟିର ସଭାପତି ଭୋଳାନାଥ ସେଠୀ, ସମ୍ପାଦକ ତପନ ନାଏକଙ୍କ ସହିତ ସଦସ୍ୟ ଦିପୁନ ବାରିକ, ପ୍ରବୀର ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ଉଡ଼ାଯାତ୍ରା ସମ୍ପନ୍ନ ହୋଇଛି।

## ଲୋକଙ୍କୁ ବାନ୍ଧି ରଖିଲା ସମ୍ବଲପୁରୀ ନୃତ୍ୟ



ଯୋଡ଼ା,୧୫।୪(ମାନସ ମହାନ୍ତି)

### ଯୋଡ଼ା ମହୋତ୍ସବ ଉଦ୍‌ଯାପିତ

କେନ୍ଦୁଝର ଜିଲା ଯୋଡ଼ା ସହରରେ ହେଉଥିବା ଯୋଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଲୋକଙ୍କୁ ସମ୍ବଲପୁରୀ ନୃତ୍ୟ ବାନ୍ଧି ରଖିଥିଲା। ମୁଖ୍ୟ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା. ଫକୀର ନାଏକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ସାମାଜିକକର୍ମୀ ତପି ମିଶ୍ର ଯୋଗଦେଇଥିଲେ। ଯୋଡ଼ା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଦାସ ଓ ସମ୍ପାଦକ ପାର୍ଥ ସାରଥୀ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବର ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନେକ ଶହ ଦର୍ଶକ ଉପଭୋଗ କରିଥିଲେ। ରୁକସୁନା ଏବଂ ତାଙ୍କ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଦର୍ଶକଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ ଓଲିଉଡ ଜଗତର ଅଭିନେତ୍ରୀ ସୁପ୍ରିୟା ଓ କେନ୍ଦୁଝରିଆ କାକା ଓ କାକି ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ମନ ମୋହିଥିଲେ। ସବୁବର୍ଗର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ମହୋତ୍ସବ ପଡ଼ିଆରେ ବିଭିନ୍ନ କିସମର ଦୋକାନ ବଜାର, ଫାଷ୍ଟଫୁଡ, ଆଇସକ୍ରିମ, ଘରକରଣା ଷ୍ଟଲ ମାନ ଖୋଲାଯାଇଛି। ଚଳିତ ମହୋତ୍ସବ ଅଧିକ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## କୃଷି ମହାବିଦ୍ୟାଳୟ, ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

ବଉଳା,୧୫।୪(ଦୁର୍ଗା ପ୍ରସାଦ ଆୟଚ)

ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝରଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ବିକାଶର ଏକ ଧାରା ବୋଲି କୁହାଯାଉଛି। ଏଭଳି କ୍ଷେତ୍ରରେ ବୈତରଣୀ ଓ ସାଳନ୍ଦି ନଦୀର ମଧୁର ପାଣି, ଚାଷ କ୍ଷେତ୍ରରେ ଅଗ୍ରଗତି ଲାଭ କରିଥିବା ଆନନ୍ଦପୁର ଉପଖଣ୍ଡର ଆନନ୍ଦପୁର କିମ୍ବା ହାଟଡ଼ିହୀରେ କୃଷି ମହାବିଦ୍ୟାଳୟ, କୃଷି ଗବେଷଣା କେନ୍ଦ୍ର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେଲେ ଅଞ୍ଚଳ ବିକାଶ ହୁଅନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ପ୍ରକାଶ ଯେ, ଆନନ୍ଦପୁର ଉପଖଣ୍ଡର ହାଟଡ଼ିହୀ ବ୍ଲକ୍ ଚାଷ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଶୀତଳଭଣ୍ଡା ଅଭାବରୁ ଚାଷୀ ଅଭାବ ବିକ୍ରିର ଶିକାର ହେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଉଛି। ତେଣୁ ଏଠାରେ କୃଷି ମହାବିଦ୍ୟାଳୟ, କୃଷି ଗବେଷଣା କେନ୍ଦ୍ର ଓ ଶୀତଳଭଣ୍ଡାର ପ୍ରତିଷ୍ଠା କରାଗଲେ ବେକାରୀ ସମସ୍ୟା ଦୂର ହେବା ସହିତ ଚାଷ କ୍ଷେତ୍ରରେ ରାଜ୍ୟର ପ୍ରମୁଖ ସ୍ଥାନ ଅଧିକାର କରିପାରନ୍ତା ବୋଲି ବରିଷ୍ଠ ନାଗରିକ ବିକାଶ ମଞ୍ଚ ସୋସୋର ସଭାପତି ପର୍ଶୁରାମ ପେଡ଼ା, କାର୍ଯ୍ୟକାରୀ ସଭାପତି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନୃସିଂହ ଚରଣ ଦେହୁରୀ, ମଞ୍ଚର ସମ୍ପାଦକ ମୋହନ ମହାନ୍ତି, ରାଜନୈତିକ ସମୀକ୍ଷକ ମଧୁସୂଧନ ଜେନା, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବରିଷ୍ଠ ଖବରଦାତା ଗୋପଳ ରାଉତ, ଆଇନ୍‌ଜୀବୀ କରୁଣାକର ମୁଦୁଲି ପ୍ରମୁଖ ଦାବି କରିଛନ୍ତି।

# ସତ୍ୟଜିତ୍‌ଙ୍କ ଭଜନରେ ଝୁମିଲେ ଦର୍ଶକ

### ସାମନ୍ତରାୟପୁର ଗ୍ରାମଶ୍ରୀ ଠାକୁରାଣୀଙ୍କ ଚଇତି ପର୍ବ


ମଞ୍ଚରେ ଉପସ୍ଥିତ ଅତିଥି ଓ କମିଟି ସଦସ୍ୟ।

କେନ୍ଦୁଝର,୧୫।୪(ଦୀପକ ମିଶ୍ର)

କେନ୍ଦୁଝର ସହରର ସାମନ୍ତରାୟପୁର ଶାସନ ଏବଂ ଆଖପାଖ ଅଞ୍ଚଳର ଗ୍ରାମଦେବତୀ ଗ୍ରାମଶ୍ରୀ ଠାକୁରାଣୀଙ୍କ ପୀଠରେ ଚୈତ୍ର ଶୁକ୍ଳପକ୍ଷ ସଂକ୍ରାନ୍ତିରେ ଚଇତି ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ମାଆଙ୍କ ପୀଠ ଓ ଏହାର ସନ୍ନିକଟ ସ୍ଥାନ ଆଲୋକ ମାଳାରେ ସଜ୍ଜିତ ହୋଇ ବେଶ ମନୋରମ ଦିଶୁଥିଲା। ପଣା ସଂକ୍ରାନ୍ତିରେ ମାଆଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଶଙ୍ଖୁଡ଼ି ଭୋଗରେ ଖେଚୁଡ଼ି, ଡାଲି, ଘାଣ୍ଟ ତରକାରୀ ଓ ଖଟା ଲାଗି ହୋଇ ପ୍ରାୟ ୨ ହଜାର ଭକ୍ତଙ୍କୁ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ଓଡ଼ିଆ ସିନେ ଜଗତର ସୁନାମଧନ୍ୟ ଗାୟକ ସତ୍ୟଜିତ ପ୍ରଧାନ, ପ୍ରଭୁପ୍ରସାଦ ନନ୍ଦ, ଗାୟିକା ପ୍ରିୟଙ୍କା ପ୍ରଭୃତି ଭଜନ ପରିବେଷଣ କରିଥିଲେ। ଅନେକ ହଜାର ଦର୍ଶକ ସତ୍ୟଜିତ ପ୍ରଧାନଙ୍କ ଭଜନକୁ ବେଶ ଉପଭୋଗ କରିଥିଲେ। ଭଜନ ସମାରୋହ ୨ ଦିନ ଧରି ଚାଲିବାକୁ ଥିବା ବେଳେ ମାଆଙ୍କ ଚଇତି ପର୍ବ ଉତ୍ସବକୁ ଗ୍ରାମଶ୍ରୀ ଠାକୁରାଣୀ ସାଂସ୍କୃତି କମିଟିର ନିତ୍ୟାନନ୍ଦ ଦାଶ, ଆଲୋକ ମିଶ୍ର, ୭ ନମ୍ବର ୱାର୍ଡର କାଉନ୍‌ସିଲର ଅବିନାଶ ମିଶ୍ର, ଅବିନାଶ ଲୋହାନି, ଝୁନୁ ଭୂୟାଁ, ଅଜୟ ମିଶ୍ର, ମୋହିନୀ ମୋହନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି।

## ମୃତ ଚାଳକଙ୍କ ପରିବାରକୁ ଟ୍ରକ୍ ମାଲିକ ସଂଘର ସହାୟତା

ଚମ୍ପୁଆ,୧୫।୪(ମହେଶର ଦାସ): କେନ୍ଦୁଝର ଜିଲା ଯୋଡ଼ା ଟ୍ରକ୍ ମାଲିକ ସଂଘର ସଦସ୍ୟ ସର୍ଫରାଜ ଆଲାମଙ୍କ ଜାନୁଆରିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ପରିବାର ଅସହାୟ ହୋଇପଡ଼ିଥିବା ବେଳେ ବୁଧବାର ଯୋଡ଼ା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ମୃତକଙ୍କ ପରିବାରକୁ ସହାୟତା କରିଛନ୍ତି। ଚମ୍ପୁଆ ମୌଲାନା ଗୋଡ଼ା ଅଞ୍ଚଳର ସର୍ଫରାଜ ଆଲାମ ଜଣେ ଟ୍ରକ୍ ବ୍ୟବସାୟୀ ଭାବରେ ଦୀର୍ଘଦିନ ଧରି ଯୋଡ଼ା ଟ୍ରକ୍ ମାଲିକ ସଂଘର ସଦସ୍ୟ ରହିଥିଲେ। ହୃଦ୍ ଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ସଭାପତି ମାତା ଜୟସାୱାଲ, ସମ୍ପାଦକ ଶୁଶାନ୍ତ ବାରିକ, ଉପସଭାପତି ବିଜୁ ଆପଟ, ଅଶୋକ କାରୁଆ ଓ ରାଜେଶ ରୋଶନ, ସ୍ଥାନୀୟ ଟ୍ରକ୍ ମାଲିକ ଖୁର୍ସିଦ ଆଲାମ, ଭୋଳା ପଣ୍ଡା, ରବିକାନ୍ତ ଗିରି ପ୍ରମୁଖଙ୍କ ଉପସ୍ଥିତିରେ ସର୍ଫରାଜଙ୍କ ପୁଅ ସାହାଜେବ ସାହିଲଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ସହାୟତା ପ୍ରଦାନ କରିଥିଲେ। ସଂଘ ସବୁବେଳେ ଟ୍ରକମାଲିକଙ୍କ ସୁଖ ଦୁଃଖରେ ରହିଥିବା ସମ୍ପାଦକ ବାରିକ ସୂଚନା ଦେଇଛନ୍ତି।



## ପିନାକୀଙ୍କୁ ଓଡ଼ିଆ ସ୍ୱାଭିମାନ ମଞ୍ଚ କବିତା ସମ୍ମାନ

କେନ୍ଦୁଝର,୧୫।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)



ପିନାକୀ ଅତିଥିଙ୍କ ନିକଟରୁ ମାନପତ୍ର ଗ୍ରହଣ କରୁଛନ୍ତି।

ଓଡ଼ିଆ ସ୍ୱାଭିମାନ ମଞ୍ଚ ତରଫରୁ ପିନାକୀ ମିଶ୍ରଙ୍କୁ ଚଳିତବର୍ଷର ଓଡ଼ିଆ ସ୍ୱାଭିମାନ ମଞ୍ଚ କବିତାସମ୍ମାନ ପ୍ରଦାନ କରାଯାଇଛି। ବିଷୁବ ସଂକ୍ରାନ୍ତି ସନ୍ଧ୍ୟାରେ ଆୟୋଜିତ ଓଡ଼ିଆ ନବବର୍ଷ ଉତ୍ସବରେ ଯୋଡ଼ା ଟିସ୍କୋ ସମ୍ମିଳନୀ କକ୍ଷରେ ମୁଖ୍ୟଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ, ସମ୍ମାନିତ ଅତିଥି ଟିସ୍କୋ ଜେନେରାଲ ମ୍ୟାନେଜର ରାଜେଶ କୁମାର, ଯୋଡ଼ା ମ୍ୟୁନିସିପାଲଟି ଚେୟାରମ୍ୟାନ, ଅନୁଷ୍ଠାନର ଉପଦେଷ୍ଟା କବି ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସଭାପତି ଚର୍ଚ୍ଚିଲ ମହାକୁଡ ପ୍ରମୁଖ ପିନାକୀ ମିଶ୍ରଙ୍କୁ ମାନପତ୍ର, ଫଳକ, ଉପଢ଼ୌକନ ଓ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ। କବିତା, ଗୀତ, ଲଳିତ ନିବନ୍ଧ ରଚନାରେ ଦୀର୍ଘବର୍ଷଧରି ନିରବିଚ୍ଛିନ୍ନ ସାଧନା ଜାରି ରଖିଥିବାରୁ କବିଙ୍କ ସମ୍ପର୍କରେ ଅତିଥିଗଣ ମତପୋଷଣ କରିଥିଲେ। ଖଣିଜସମ୍ପଦ ଭରପୁର ଥିବା ଯୋଡା ବହୁ ଭାଷାଭାଷୀ ଅଞ୍ଚଳରେ ଓଡିଆଭାଷାର ଉନ୍ନତିସାଧନ ସହ ଓଡ଼ିଆ ସ୍ୱାଭିମାନକୁ ଅତୁଟ ରଖିବାର ସଙ୍କଳ୍ପ ନେଇ ବର୍ଷସାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଆସୁଛି ବୋଲି ସମ୍ପାଦକ ସୁଶୀଲ ମହାନ୍ତି କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଶିକ୍ଷା ପ୍ରତିନିଧି

କେନ୍ଦୁଝର,୧୫।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବଡ଼ବିଲଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଶିକ୍ଷା ପ୍ରତିନିଧି ଭେଟିଥିଲେ। ବିଚ୍ଛିନ୍ନାଞ୍ଚଳରେ ସମ୍ମୁଖୀନ ହେଉଥିବା ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମିର ଜିଲା ଶିକ୍ଷା ପରିଦର୍ଶକ ସରୋଜ ପ୍ରଧାନ, ଓଡ଼ିଆ ଶିକ୍ଷୟିତ୍ରୀ ଗିତାରାଣୀ ନନ୍ଦ, ଲକ୍ଷ୍ମୀପ୍ରିୟା କର, ସୁଭଦ୍ରା ମିସ୍ତ୍ରୀ ଓ ବାସନ୍ତୀ ମହାନ୍ତୋ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

ଦାବି ମୁତାବକ, ବିଚ୍ଛିନ୍ନାଞ୍ଚଳର ୪ଟି ରାଜ୍ୟରେ ୬୫୦ ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକ ୪୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିୟମିତ ଓଡ଼ିଆ ପଢ଼ାଉଛନ୍ତି। ଅଥଚ ସେମାନଙ୍କୁ ଓଡ଼ିଶା ସରକାର ଦୀର୍ଘ ୩ ବର୍ଷ ହେଲା ଆର୍ଥିକ ଅନୁଦାନ ଦେଇନାହାନ୍ତି। ଯାହା ଫଳରେ ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅବସ୍ଥା ଅତ୍ୟନ୍ତ ନଗନ୍ୟ ରହିଛି। ପଶ୍ଚିମବଙ୍ଗର ଜଣେ ଓଡ଼ିଆ ଶିକ୍ଷୟିତ୍ରୀ ତାଙ୍କ ସ୍ୱାମୀଙ୍କୁ ନିଜ କିଡ୍‌ନୀ ଦାନ କରି ଅର୍ଥ ଅଭାବରୁ ସ୍ୱାମୀଙ୍କୁ ହରାଇଛନ୍ତି। ଝାଡ଼ଖଣ୍ଡର ଜଣେ ଓଡ଼ିଆ ଶିକ୍ଷକ ନିଜ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ପ୍ରାଣ ହରାଇଥିବା ଶିକ୍ଷା ପ୍ରତିନିଧି କହିଥିଲେ। ଏଭଳି ବହୁ ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକ ନିଜ ଚିକିତ୍ସା ଓ ପାରିବାରିକ ଜୀବନରେ ଅର୍ଥ ଅଭାବରୁ ବହୁତ କଷ୍ଟରେ ଚଳୁଥିବା ଗୁହାରି ଜଣାଇବାକୁ ଆସୁଥିବା ଶିକ୍ଷକମାନେ କହିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମସ୍ତ ବିଷୟ ଅବଗତ ହେଲା ପରେ ଖୁବ୍‌ଶୀଘ୍ର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବେ। ସେମାନଙ୍କ ଦାବି ପୂରଣ ନେଇ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଘୋଷଣା କରିଥିବା ଓଡ଼ିଆ ଶିକ୍ଷା କର୍ମୀଙ୍କୁ ମାସିକ ୩ ହଜାର ପରିବର୍ତ୍ତେ ମାସିକ ୬ ହଜାର ଟଙ୍କା, ଦଶମାସ ପରିବର୍ତ୍ତେ ୧୨ ମାସର ଆର୍ଥିକ ଅନୁଦାନ ସହ ସମସ୍ତ ବକେୟା ଅନୁଦାନ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିବା ଶିକ୍ଷା କର୍ମୀମାନେ କହିଛନ୍ତି।

## ଲୋକପ୍ରତିନିଧି, ଖବରଦାତାଙ୍କୁ ଅଣଦେଖା ଅଭିଯୋଗ

ହାଟଡ଼ିହୀ,୧୫।୪(ଶୁଭକାନ୍ତ ନାୟକ)

### ଆନନ୍ଦପୁର ମହୋତ୍ସବ

କେନ୍ଦୁଝର ଜିଲା ଆନନ୍ଦପୁର ମହୋତ୍ସବ ଚଳିତ ଏପ୍ରିଲ ୭ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇଛି। ଆନନ୍ଦପୁର ଉପଖଣ୍ଡ ଅଧୀନରେ ହାଟଡ଼ିହୀ, ଆନନ୍ଦପୁର ଏବଂ ଘସିପୁରା ବ୍ଲକ୍ ସହ ଆନନ୍ଦପୁର ପୌରପରିଷଦ ରହିଥିବା ବେଳେ ମହୋତ୍ସବ ଉପଖଣ୍ଡସ୍ତରୀୟ ନା କେବଳ ଆନନ୍ଦପୁର ମହୋତ୍ସବ ଥିଲା ତାହା ଏବେ ଆଲୋଚ୍ୟର ବିଷୟ ପାଲଟିଛି। ମହୋତ୍ସବକୁ ନେଇ ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି, ମହୋତ୍ସବ ଆୟୋଜନ, ପରିଚାଳନା କ୍ଷେତ୍ରରେ ବିଧାୟକଙ୍କ ପରାମର୍ଶ ନେବା ତ ଦୂରର କଥା, ତାଙ୍କୁ ମଧ୍ୟ ଏନେଇ ଡକାଯାଇ ନ ଥିଲା। ମୋତେ ମହୋତ୍ସବରେ କେବଳ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ଅଣଦେଖା ଏବଂ ଅବ୍ୟବସ୍ଥା ଢଙ୍ଗରେ ମହୋତ୍ସବ ଅନୁଷ୍ଠିତ ହୋଇଛି। ତେବେ ତୋରଣରେ ଉପଖଣ୍ଡସ୍ତରୀୟ ମହୋତ୍ସବ ଲେଖାଯିବା ଉଚିତ ବୋଲି ବିଧାୟକ କହିଛନ୍ତି। ମହୋତ୍ସବ କମିଟି ସଦସ୍ୟ ନିରାକାର ଦଳେଇ, ମଦନ ପାଣି କହିଛନ୍ତି, ଏହା ଉପଖଣ୍ଡସ୍ତରୀୟ ମହୋତ୍ସବ। ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ଆନନ୍ଦପୁର ମହୋତ୍ସବ ମାନେ ଉପଖଣ୍ଡସ୍ତରୀୟ ମହୋତ୍ସବ। ଆଗରୁ ସେମିତି ଚାଲିଛି। ବରିଷ୍ଠ କଂଗ୍ରେସ କର୍ମୀ ବିଶ୍ୱରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଆନନ୍ଦପୁର ମହୋତ୍ସବକୁ ଯେଉଁମାନେ ଉପଖଣ୍ଡସ୍ତରୀୟ ମହୋତ୍ସବ କହୁଛନ୍ତି, ସେମାନଙ୍କର କୌଣସି ଜ୍ଞାନ, ଧାରଣା ନାହିଁ। ସେମାନେ ବହି ପଢ଼ି ଶିଖିବା ଉଚିତ। ଆନନ୍ଦପୁର ମହୋତ୍ସବ ମାନେ କେବଳ ଆନନ୍ଦପୁର ବ୍ଲକ୍ ଏବଂ ପୌର ପରିଷଦକୁ ବୁଝାଏ। ବରିଷ୍ଠ ଆଇନଜୀବୀ ସୁବାସ ବିଶ୍ୱାଳ, ସଞ୍ଜୟ ମିଶ୍ର, ହରେକୃଷ୍ଣ ପଟ୍ଟନାୟକ କହିଛନ୍ତି, ଆନନ୍ଦପୁର ମହୋତ୍ସବ ମାନେ ଉପଖଣ୍ଡସ୍ତରୀୟ ମହୋତ୍ସବ ନୁହେଁ। ତୋରଣରେ ଉପଖଣ୍ଡସ୍ତରୀୟ ମହୋତ୍ସବ ଲେଖାଯିବା କଥା। ଆନନ୍ଦପୁର ଉପଖଣ୍ଡର ବରିଷ୍ଠ ଖବରଦାତା ମୁନା ସିଂ କହିଛନ୍ତି, ଖବରଦାତାଙ୍କୁ ଅଣଦେଖା କରାଯିବା ଉଚିତ ନୁହେଁ। ଭାଇଚାରାର ଏହି ମହୋତ୍ସବରେ ଉପଖଣ୍ଡର ସମସ୍ତ ଅଞ୍ଚଳରୁ ପ୍ରତିନିଧିତ୍ୱ ଆବଶ୍ୟକ। ମହୋତ୍ସବ ପାଇଁ କୌଣସି କମିଟି ଗଠନ ହୋଇ ନ ଥିଲା। କେବଳ ହ୍ୱାଟ୍ସଆପ୍‌ରେ ଗୋଟିଏ ଷ୍ଟିୟରିଂ କମିଟି ଗ୍ରୁପ୍ ଗଠନ କରାଯାଇଥିଲା। ମୋତେ ପ୍ରଥମେ ଥରେ ପଚାରିଥିଲେ। ପରେ ଆଉ ପଚାରିଲେ ନାହିଁ। ଅପରପକ୍ଷେ ମହୋତ୍ସବରେ ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ଲକ୍ ଅଞ୍ଚଳର ଖବରଦାତା ଗୋପାଳ କୃଷ୍ଣ ରାଉତ, କିଶୋର ଆଚାର୍ଯ୍ୟ, ବିଭୂତି ଭୂଷଣ ରାଉତଙ୍କ ସମେତ କେତେକ ଖବରଦାତା ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ମହୋତ୍ସବ ପାଇଁ ହାଟଡ଼ିହୀ ବ୍ଲକ୍ ଅଞ୍ଚଳରୁ ସାହାଯ୍ୟ ସହଯୋଗ ଦିଆଯାଉଛି। ଖବରଦାତା ଗୋପାଳ କୃଷ୍ଣ କହିଛନ୍ତି, ଯେଉଁ ଗଣମାଧ୍ୟମ ପ୍ରତିନିଧି ନିଜ ପ୍ରେସ୍ ଆଇକାର୍ଡ ଦେଖାଉଥିଲେ ତାଙ୍କୁ ମହୋତ୍ସବରେ ବସିବାକୁ ଚେୟାର ମିଳିବା ଦୁଃଖର ବିଷୟ। ଉପଜିଲାପାଳ ନୀଳମାଧବ ସୁନାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏଥିରେ କୌଣସି ଅସୁବିଧା ନାହିଁ, ସବୁ ଠିକ୍‌ରେ ଚାଲିଥିଲା କହି ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ।

## ରାଜ୍ୟସ୍ତରରେ ପୁରସ୍କୃତ ହେଲେ ତେଜସ୍ୱିନୀ

ଚମ୍ପୁଆ,୧୫।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ମହାନ୍ତ ରାଜ୍ୟସ୍ତରୀୟ କବିତା ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରି ନିଜ ଅଞ୍ଚଳ ତଥା ମହାବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛନ୍ତି। ସୂଚନା ଅନୁସାରେ, ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଓଡ଼ିଆ ପକ୍ଷ ଅବସରରେ କବିତା ଲିଖନ ପ୍ରତିଯୋଗିତାରେ + ୩ ଦ୍ୱିତୀୟ ବର୍ଷର ଛାତ୍ରୀ ତେଜସ୍ୱିନୀ ମହାନ୍ତ ଜିଲାସ୍ତରରେ ସଫଳ ହୋଇଥିଲେ। ପରେ ଜୋନ୍‌ସ୍ତରରେ ମଧ୍ୟ ସଫଳ ହୋଇ ରାଜ୍ୟସ୍ତରକୁ ଉତୀର୍ଣ୍ଣ ହୋଇଥିଲେ। ରାଜ୍ୟସ୍ତରରେ ମଧ୍ୟ ସଫଳତା ପାଇଥିବା ବେଳେ ଓୟୁଏଟି କ୍ୟାମ୍ପସଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର ମହାବିଦ୍ୟାଳୟ ପରିସରରେ ତେଜସ୍ୱିନୀଙ୍କ ଏହି ସଫଳତା ପାଇଁ ସମ୍ବର୍ଦ୍ଧିତ କରିଛନ୍ତି।

## ବସନ୍ତିଆ ହାଟର ନବୀକରଣ ଦାବି

ବଉଳା,୧୫।୪(ଦୁର୍ଗା ପ୍ରସାଦ ଆୟଚ)


ବସିନ୍ତିଆ ହାଟ।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଓରାଳି ପଞ୍ଚାୟତର ପୁରାତନ ବସନ୍ତିଆ ହାଟ ନବୀକରଣ ଦାବି ହୋଇଛି। ବେପାରୀଙ୍କ ପାଇଁ ପିଣ୍ଡି ଓ ଅନ୍ୟାନ୍ୟ ଉନ୍ନତୀକରଣ କରାଯିବାକୁ ନିୟନ୍ତ୍ରିତ ବଜାର କମିଟି ଆନନ୍ଦପୁରକୁ ହସ୍ତାନ୍ତର କରିବାକୁ ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା ଓ ସଭ୍ୟାସଭ୍ୟ ଲିଖିତ ଜଣାଇଛନ୍ତି।

ଦାବି ମୁତାବକ, ବସନ୍ତିଆ ହାଟଟି ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାଲି ଆସୁଛି। ଓରାଳି ପଞ୍ଚାୟତର ନନ୍ଦିପଦା ଅଞ୍ଚଳରେ ନନ୍ଦିପଦାର ଖାତା ନଂ. ୩୭୧, ପ୍ଲଟ୍ ନଂ. ୯୩୪ ଏରିଆ ଏକ ଏକର ୧୪ ଡିସିମିଲିରେ ହାଟଟି ରହିଛି। ହାଟର ଉତ୍ତର ପାର୍ଶ୍ୱରେ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ଯାଇଥିବାବେଳେ ପଶ୍ଚିମ ଦିଗକୁ ବସନ୍ତିଆ-ନନ୍ଦିପଦା ଗ୍ରାମକୁ ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ଯାଇଛି। ହାଟ ଉପରେ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗାଁ ନିର୍ଭର କରିଥାନ୍ତି। ହାଟକୁ ଆନନ୍ଦପୁର, ଘସିପୁରା ବ୍ଲକ୍‌ରୁ ବହୁ ଚାଷୀ ଆସି କିଣା ବିକା କରିଥାନ୍ତି। ଏଥି ସହିତ ଭଦ୍ରକ ଓ ଯାଜପୁର ଜିଲାର ବହୁ ବେପାରୀ ଆସିଥାନ୍ତି। କିନ୍ତୁ ହାଟ ଭଙ୍ଗା ପିଣ୍ଡିରେ ଚାଲୁଥିବାରୁ ବର୍ଷା ଦିନ ଓ ଖରା ଦିନରେ ଚାଷୀ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକ ମଧ୍ୟ ହଠାତ୍ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୁଣ୍ଡ ଗଞ୍ଜିବାକୁ ସ୍ଥାନ ପାଉନାହାନ୍ତି। ହାଟ ଚାଲିଲା ଭଳି ଏଠାରେ ଘରନାହିଁ। ପଞ୍ଚାୟତ ପକ୍ଷରୁ ଏହା ଚାଲୁଥିବା ବେଳେ ଏଭଳି ସମସ୍ୟାକୁ ନେଇ ସରପଞ୍ଚ ଏବଂ ପଞ୍ଚାୟତର ସଭ୍ୟାସଭ୍ୟମାନେ ହାଟର ସୁପରିଚାଳନା ପାଇଁ ନିୟନ୍ତ୍ରିତ ବଜାର କମିଟକୁ ହସ୍ତାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। କମିଟି ଏହାର ଦାୟିତ୍ୱ ନେଲେ ମାର୍କେଟ କମ୍ପ୍ଲେକ୍ସ ଓ ହାଟପିଣ୍ଡି ତିଆରି କରାଯିବ। ଏଥିସହ ବ୍ୟବସାୟୀ, ସାଧାରଣ ଲୋକ ସୁବିଧା ପାଇ ପାରିବେ ବୋଲି ସରପଞ୍ଚ ଜେନା କହିଛନ୍ତି।

